# ୨୬

# ଭାରତରେ ଜନସଂଖ୍ୟାର ଘନତ୍ୱ, ବିତରଣ ଏବଂ ବୃଦ୍ଧି

ବର୍ତ୍ତମାନ ସୁଦ୍ଧା ଆମେ ଭାରତର ପ୍ରାକୃତିକ ସମ୍ବଳ ସମ୍ବନ୍ଧରେ ଜ୍ଞାନ ହାସଲ କରିସାରିଛେ । ଭୂମି, ମୃତ୍ତିକା, ଜଳ, ଜଙ୍ଗଲ, ଖଣିଜ ଏବଂ ବନ୍ୟପ୍ରାଣୀ ଆଦି ଆମର ପ୍ରାକୃତିକ ସମ୍ବଳ । ଆମେ ଉପରୋକ୍ତ ସମ୍ବଳ ଗୁଡ଼ିକର ବିତରଣ ଓ ଶୋଷଣର ବେଗ, ଦିଗ ଏବଂ ବିକାଶମୂଳକ କାର୍ଯ୍ୟକ୍ରମରେ ଏମାନଙ୍କର ଉପଯୋଗିତା ସମ୍ବନ୍ଧରେ ଜାଣିସାରିଛେ । ଏମାନଙ୍କୁ ଦେଶର ଜନସଂଖ୍ୟା ସହ ସମ୍ପର୍କୀତ କରି ଆମେ ଅଧ୍ୟୟନ କରିବା । ଜନସଂଖ୍ୟା କହିଲେ କେବଳ ଉପଭୋକ୍ତା ହିସାବରେ ସଂଖ୍ୟାକୁ ବୁଝାଏ ନାହିଁ ବରଂ ସମ୍ବଳର ବିକାଶକର୍ତ୍ତା ତଥା ପରିଚାଳକ ହିସାବରେ ବୁଝାଯାଏ । ଏହି ଉଦ୍ଦେଶ୍ୟରେ ଲୋକଙ୍କର ଶୈକ୍ଷିକ ତଥା ସ୍ୱାସ୍ଥ୍ୟବସ୍ଥା, ସେମାନଙ୍କର ବ୍ୟବସାୟିକ, ପ୍ରଯୌକ୍ତିକ ଏବଂ ସାମାଜିକ ଦକ୍ଷତା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ତତ୍ ସହିତ ଲୋକଙ୍କର ଆକାଂକ୍ଷା ଏବଂ ପ୍ରଚଳିତ ମାନ୍ୟତା ସହ କାର୍ଯ୍ୟନୀତି ଉପରେ ମଧ୍ୟ ନଜର ରଖାଯିବା ଉଚିତ୍ । ଏହି ଅଧ୍ୟାୟରେ ତୁମେ ଅନୁଭବ କରିପାରିବ ଯେ ଜନସଂଖ୍ୟା କେବଳ ପ୍ରାକୃତିକ ସମ୍ବଳର ଉପଭୋକ୍ତା ନୁହେଁ ବରଂ ଦେଶର ଅମୂଲ୍ୟ ସମ୍ବଳ । ଏଠାରେ ଆମେ ବିଶ୍ୱ ପରିପ୍ରେକ୍ଷୀରେ ଭାରତର ଜନସଂଖ୍ୟାର ଆକାର ବିଷୟରେ ପରୀକ୍ଷଣ କରିବା । ତେଣୁ ପ୍ରଥମେ ଜନସଂଖ୍ୟାର ବିତରଣ ଏବଂ ଘନତ୍ୱକୁ ପ୍ରଭାବିତ କରୁଥିବା କାରକମାନଙ୍କ ବିଷୟରେ ଅଧ୍ୟୟନ କରିବା । ପରିଶେଷରେ ଜନସଂଖ୍ୟା ବୃଦ୍ଧିର କାରକ ଏବଂ ଏହାକୁ ପ୍ରଭାବିତ କରୁଥିବା ନିର୍ଦ୍ଧାରକ ସହ ଏହାର ପରିଣାମକୁ ମଧ୍ୟ ବିଶ୍ଳେଷଣ କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେମାନେ :

- ବିଶ୍ୱ ଜନସଂଖ୍ୟା ପରିପ୍ରେକ୍ଷୀରେ ଭାରତର ଜନସଂଖ୍ୟାର ଆକାରକୁ ବୁଝାଇପାରିବ;
- ଦେଶର ଜନସଂଖ୍ୟାର ଅସମାନ ବିତରଣ ପାଇଁ ଦାୟୀ କାରକ ବିଶ୍ଳେଷଣ କରିପାରିବ;
- ମାନଚିତ୍ରରେ ବହୁଳ, ସାଧାରଣ ତଥା ବିରଳ ଜନସଂଖ୍ୟା ବିଶିଷ୍ଟ ଅଂଚଳକୁ ଦର୍ଶାଇପାରିବ;
- ଜନସଂଖ୍ୟାର ବିତରଣ, ଘନତ୍ୱ ଏବଂ ବୃଦ୍ଧିର ଡାଟା ବ୍ୟାଖ୍ୟା କରିପାରିବ;
- ବିଗତ ଶହେ ବର୍ଷ ମଧ୍ୟରେ (1901-2001) ଜନସଂଖ୍ୟା ବୃଦ୍ଧିର ପ୍ରବୃତ୍ତିକୁ ବୁଝାଇପାରିବ;
- ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରକ ଗୁଡ଼ିକୁ ଚିହ୍ନାଇପାରିବ;



ଟିପ୍ପଣୀ

- ‘ଜନ୍ମହାର’, ‘ମୃତ୍ୟୁହାର’ ଆଦି ବୁଝାଇପାରିବ;
- ଜନସଂଖ୍ୟା ନିୟନ୍ତ୍ରଣ କରାଯିବାର ଆବଶ୍ୟକତାକୁ ଅନୁଭବ କରିପାରିବ;
- ଦେଶରେ ଭିତରକୁ ଓ ବାହାରକୁ ସ୍ଥାନାନ୍ତରର କାରଣ ଓ ଫଳାଫଳକୁ ବିଶ୍ଳେଷଣ କରିପାରିବ ।

## 26.1 ଭାରତର ଜନସଂଖ୍ୟା


ଜନସଂଖ୍ୟା ଦୃଷ୍ଟିରୁ ଚୀନପରେ ଭାରତର ସ୍ଥାନ ପୃଥିବୀର 2ୟ 2001 ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଆମର ଜନସଂଖ୍ୟା ଥିଲା 1027 ମିଲିୟନ । ପୃଥିବୀର ମୋଟ୍ ଜନସଂଖ୍ୟାର 16.7% ଲୋକ କେବଳ ଭାରତରେ ଅଛନ୍ତି । ଅନ୍ୟ ଅର୍ଥରେ କହିଲେ ପୃଥିବୀରେ ପ୍ରତ୍ୟେକ ଛଅଜଣରେ ଜଣେ ଭାରତୀୟ ଅଛନ୍ତି । ମାତ୍ର (ଚୀନ୍‌ରେ) ପ୍ରତ୍ୟେକ ପାଞ୍ଚଜଣରେ ଜଣେ ଚୀନ ଅଧିବାସୀ । ପୃଥିବୀର ମୋଟ୍ ସ୍ଥଳଭାଗର 2.42% ଭାରତର । ଏତିକି ସ୍ଥଳଭାଗରେ ପୃଥିବୀ ଜନସଂଖ୍ୟାର ପ୍ରାୟ 17% ଲୋକ ରହିବାକୁ ବାଧ୍ୟ ।

ଆୟତନ ଦୃଷ୍ଟିରୁ ଭାରତର ସ୍ଥାନ ପୃଥିବୀର ସପ୍ତମ । ଋଷ, କାନାଡ଼ା, ଚୀନ୍, ଆମେରିକା, ବ୍ରାଜିଲ୍ ଏବଂ ଅଷ୍ଟ୍ରେଲିଆ ଯଥାକ୍ରମେ 1ମ ରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଚୀନ ବ୍ୟତୀତ ପାଞ୍ଚଗୋଟି ବୃହତ୍ ଦେଶ (ଆୟତନ ଦୃଷ୍ଟିରୁ)ର ମୋଟ୍ ଜନସଂଖ୍ୟା ଆମଦେଶ ତୁଳନାରେ ବହୁତ କମ୍ । ମାତ୍ର ଏହି 5ଟି ଦେଶର ଆୟତନକୁ ମିଶାଇ ଦେଲେ ଭାରତର ଆୟତନର 16ଗୁଣ ହେବ । ଏଥିରୁ ଜଣାପଡ଼େ ଯେ ବିଶାଳ ଜନସଂଖ୍ୟା ଯୋଗୁଁ ଆମେ କେତେ ଅସହାୟ ? ଏପରିକି ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଏବଂ ଅଷ୍ଟ୍ରେଲିଆର ମିଳିତ ଜନସଂଖ୍ୟା ଠାରୁ ଭାରତର ଜନସଂଖ୍ୟା ଅଧିକ । ସବୁଠାରୁ ବଡ଼କଥା ପ୍ରତିବର୍ଷ 17 ମିଲିୟନ୍ ଜନସଂଖ୍ୟା ବୃଦ୍ଧିଘଟୁଛି । କିନ୍ତୁ ଚୀନ୍‌ରେ ଜନସଂଖ୍ୟାର ବାର୍ଷିମ ବୃଦ୍ଧି ଭାରତ ଠାରୁ ମଧ୍ୟ କମ୍ ।

## 26.1 ଘନତ୍ୱ ଓ ବିତରଣ :

ପୃଥିବୀ ଅନ୍ୟାନ୍ୟ ଦେଶ ଭଳି ଆମଦେଶର ମଧ୍ୟ କିଛି ଅଂଚଳ ଜନବହୁଳ, କିଛି ଅଂଶ ମଧ୍ୟମ ଧରଣର ଜନସଂଖ୍ୟା ବିଶିଷ୍ଟ ଓ କେତେକ ଅଂଚଳ ଜନବିରଳ ( ଚିତ୍ର ନଂ 26.1 ଦେଖ)

ବିଭିନ୍ନ ଅଞ୍ଚଳର ଜନସଂଖ୍ୟାର ଆକାରକୁ ବିଭିନ୍ନ ଉପାୟରେ ତୁଳନା କରାଯାଇପାରେ । ସେ ମଧ୍ୟରୁ ଗୋଟିଏ ଉପାୟ ହେଉଛି ବିଭିନ୍ନ ଅଞ୍ଚଳର ମୋଟ୍ ଜନସଂଖ୍ୟାର ଆକାରର ତୁଳନା କରିବା । କିନ୍ତୁ ଏହା ସେହି ଅଞ୍ଚଳର ଲୋକସଂଖ୍ୟାର କ୍ଷେତ୍ରଫଳ ସହ ବା ସମ୍ବଳ ସହିତ ସମ୍ପର୍କ ସ୍ପଷ୍ଟ ହେବନାହିଁ । ତେଣୁ ଏହା ପ୍ରଯୁଜ୍ୟ ନୁହେଁ । ତେଣୁ ବିଭିନ୍ନ ଦେଶର ଜନସଂଖ୍ୟାର ତୁଳନା ସାଧାରଣ ଭାବେ ଦେଶର ଜନସଂଖ୍ୟାର ଘନତ୍ୱ ରୂପରେ କରାଯାଏ । ଏହି ଉପାୟରେ ଜନସଂଖ୍ୟା ଓ ଭୂମିର ଅନୁପାତକୁ ଧ୍ୟାନରେ ରଖି ତୁଳନାତ୍ମକ ଅଧ୍ୟୟନ କରାଯାଏ । ଦେଶର ମୋଟ୍ ଜନସଂଖ୍ୟାକୁ ଦେଶର ମୋଟ କ୍ଷେତ୍ରଫଳରେ ଭାଗକରି ପ୍ରତି ବର୍ଗ କି.ମି.ରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଏ । ଏହାକୁ ଜନସଂଖ୍ୟାର ଘନତ୍ୱ କୁହାଯାଏ । 2001 ମସିହା ଜନଗଣନା ଅନୁଯାୟୀ ଭାରତରେ ଜନସଂଖ୍ୟାର ଘନତ୍ୱ ଥିଲା 324 । ବିଗତ ଶହେ ବର୍ଷ ଭିତରେ ଘନତ୍ୱ ଚାରିଗୁଣ ବୃଦ୍ଧିପାଇଛି । 1901 ମସିହାରେ ଜନସଂଖ୍ୟାର ଘନତ୍ୱ 77 ଥିବା ସମୟରେ 2001 ବେଳକୁ ଏହା 324 ରେ ପହଞ୍ଚିଥିଲା । ଜନସଂଖ୍ୟାର ଘନତ୍ୱ 324 ର ଅର୍ଥନୁହେଁ ଭାରତର ପ୍ରତ୍ୟେକ ସ୍ଥାନରେ ପ୍ରତି ବର୍ଗ କି.ମି ପିଛା 324 ଜଣ ଲୋକ ଅଛନ୍ତି ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

*ଚିତ୍ର : ୨୬.୧ ଭାରତ: ଜନସଂଖ୍ୟା ବିତରଣ, ୨୦୦୧*

ପ୍ରକୃତରେ ଭାରତରେ ଜନସଂଖ୍ୟାର ବିତରଣରେ ତୀବ୍ର ଅସମାନତା ଦେଖାଯାଏ । ଚୀନ ବ୍ୟତୀତ ଆୟତନ ଦୃଷ୍ଟିରୁ ପାଞ୍ଚଗୋଟି ବୃହତ୍‌ଦେଶର ମୋଟ ଜନସଂଖ୍ୟା ଆମଦେଶର ଜନସଂଖ୍ୟା ତୁଳନାରେ ବହୁତ କମ୍ । ଏପରିକି ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆର ମିଳିତ ଜନସଂଖ୍ୟା ଠାରୁ ଭାରତର ଜନସଂଖ୍ୟା ଅଧିକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତିବର୍ଷ 17 ମିଲିୟନ ହାରରେ ଜନସଂଖ୍ୟାର ବୃଦ୍ଧି ଘଟୁଛି । କିନ୍ତୁ ଚୀନ୍‌ରେ ଜନସଂଖ୍ୟାର ବୃଦ୍ଧି ଘଟୁଛି । କିନ୍ତୁ ଚୀନରେ ଜନସଂଖ୍ୟାର ବାର୍ଷିକ ବୃଦ୍ଧି ଭାରତ ଠାରୁ ମଧ୍ୟ କମ୍ ।



ଟିପ୍ପଣୀ

ଦେଶର ମୋଟ୍ ଜନସଂଖ୍ୟାକୁ ଏହାର କ୍ଷେତ୍ରଫଳ ଦ୍ୱାରା ଭାଗକଲେ ପ୍ରତି ବର୍ଗ କିଲୋମିଟର ପିଛା ବସବାସ କରୁଥିବା ଲୋକଙ୍କ ହାରାହାରି ସଂଖ୍ୟା ଜଣାପଡ଼େ । ଏହି ହାରାହାରି ସଂଖ୍ୟାକୁ ଜନସଂଖ୍ୟାର ଘନତ୍ୱ କୁହାଯାଏ । ଜନସଂଖ୍ୟାର ଘନତ୍ୱ ଦେଶର ଭୂମି-ଜନ ଅନୁପାତ ସୂଚୀତ କରେ । 2001 ମସିହା ଜନଗଣନା ଅନୁଯାୟୀ ଭାରତରେ ଜନସଂଖ୍ୟାର ଘନତ୍ୱ 324 ଥିଲା । ବିଗତ ଶହେ ବର୍ଷ ମଧ୍ୟରେ ଏହା ଚାରିଗୁଣ ବୃଦ୍ଧି ପାଇଛି । ଜନସଂଖ୍ୟାର ଘନତ୍ୱର ଅର୍ଥ ନୁହେଁ ପ୍ରତ୍ୟେକ ସ୍ଥାନରେ ପ୍ରତି ବର୍ଗ କିଲୋମିଟର ପିଛା 324 ଜଣ ଲୋକ ବାସକରନ୍ତି ।

ପ୍ରକୃତରେ ଭାରତରେ ଜନସଂଖ୍ୟାର ବିତରଣରେ ତୀବ୍ର ଅସମାନତା ଦେଖାଯାଏ । 2001 ଜନଗଣନା ଅନୁଯାୟୀ ଅରୁଣାଚଳ ପ୍ରଦେଶର ଘନତ୍ୱ ସର୍ବନିମ୍ନ 13 ଥିବାବେଳେ ଦିଲ୍ଲୀର ଘନତ୍ୱ 9294 ଥିଲା ।

- ପ୍ରତ୍ୟେକ ଅଞ୍ଚଳର ଜନସଂଖ୍ୟାର ହାରାହାରି ଘନତ୍ୱର ତୁଳନା ଦ୍ୱାରା ବିଭିନ୍ନ ଅଂଚଳ କିମ୍ବା ଦେଶର ଜନସଂଖ୍ୟାର ତୁଳନାତ୍ମକ ଅଧ୍ୟୟନ ସାର୍ଥକ ହେବ ।
- ଜନ ସଂଖ୍ୟାର ଘନତ୍ୱରୁ ଭୂମି-ଜନ ଅନୁପାତ ଜଣାପଡ଼େ ।
- $\text{ଜନସଂଖ୍ୟାର ଘନତ୍ୱ} = \dfrac{\text{ଦେଶର ମୋଟ୍ ଜନସଂଖ୍ୟା}}{\text{ଦେଶର ମୋଟ୍ କ୍ଷେତ୍ରଫଳ}}$

## 26.3 ଜନସଂଖ୍ୟାର ବିତରଣ ଓ ଘନତ୍ୱକୁ ପ୍ରଭାବିତ କରୁଥିବା ଲୋକ

ଆମ ଦେଶର ଜନସଂଖ୍ୟାର ବିତରଣ ଓ ଘନତ୍ୱରେ ପରିଲକ୍ଷିତ ବିଭିନ୍ନତାର କାରକଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଏ । (A) ଭୌତିକ କାରକ (B) ସାମାଜିକ-ସାଂସ୍କୃତିକ କାରକ

**(A)ଭୌତିକ କାରକ :**


ଜନସଂଖ୍ୟାର ଘନତ୍ୱ ଓ ବିତରଣରେ ଭୌତିକ କାରକଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭୂ-ରୂପ, ଜଳବାୟୁ ଓ ମୃତ୍ତିକା ଭୌତିକ କାରକର ଅନ୍ତର୍ଗତ ।

(i) **ଭୂ-ରୂପ :** ସମୁଦ୍ର ପତ୍ତନ ଠାରୁ ସ୍ଥାନର 'ଉଚ୍ଚତା' ଓ 'ଗଡ଼ାଣି' ବା 'ଢ଼ାଲୁ' ଏହି ଦୁଇଟି ଗୁଣ ଭୂ-ରୂପର ମୁଖ୍ୟ ଅଂଶ । ଜନସଂଖ୍ୟାର ଘନତ୍ୱ ଓ ବିତରଣରେ ଏହି ଦୁଇଟିର ଭୂମିକା ପ୍ରଧାନ । ସମତଳ ଅଂଚଳରେ ଘନଜନ ବସତି ଦେଖାଯାଏ । ମାତ୍ର ପାର୍ବତୀୟ ତଥା ଢ଼ାଲୁ ଅଂଚଳରେ କମ୍ ଜନସଂଖ୍ୟା ଦେଖାଯାଏ । ଉଦାହରଣ ସ୍ୱରୂପ-ଗାଙ୍ଗେୟ ସମତଳ ଘନ ଜନ ବହୁଳ । ମାତ୍ର ଅରୁଣାଚଳ ପ୍ରଦେଶ ଜନବିରଳ ।

ଏହାଛଡ଼ା ଜଳପ୍ରବାହ ଏବଂ ଜଳସ୍ତର ମଧ୍ୟ ଜନସଂଖ୍ୟା ବିତରଣରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ।

(ii) **ଜଳବାୟୁ :** ତାପମାତ୍ରା ଓ ବୃଷ୍ଟିପାତର ପରିମାଣ ମଧ୍ୟ ଜନସଂଖ୍ୟାର ଘନତ୍ୱ ଓ ବିତରଣକୁ ପ୍ରଭାବିତ କରନ୍ତି । ଉଦାହରଣ ସ୍ୱରୂପ ରାଜସ୍ଥାନର ଉତ୍ତପ୍ତ ଓ ଶୁଷ୍କ ମରୁଭୂମି ଓ ଶୀତଳ ତଥା ଆର୍ଦ୍ର ହିମାଳୟ ପାର୍ବତ୍ୟାଞ୍ଚଳ । ଅତି କମ୍ ଓ ବିତରଣରେ ତୀବ୍ର ଅସମାନତା ଦେଖାଯାଏ । ମାତ୍ର କେରଳ ଓ ପଶ୍ଚିମବଙ୍ଗର ଜଳବାୟୁ ଅନୁକୂଳ ଥିବାରୁ ଜନସଂଖ୍ୟାର ବିତରଣରେ ସମାନତା ଦେଖାଯାଏ । କିନ୍ତୁ ରାଜସ୍ଥାନ ଏବଂ ପଶ୍ଚିମଘାଟ ପର୍ବତମାଳାର ଅନୁପାତ ପାର୍ଶ୍ୱରେ ଏହା କମ୍ ।

(iii) **ମୃତ୍ତିକା :** ଭାରତର ମୋଟ୍ ଜନସଂଖ୍ୟାର ଶତକଡ଼ା 75 ଭାଗ ଲୋକ ଗ୍ରାମାଞ୍ଚଳର ଅଧିବାସୀ ଏବଂ ଏମାନଙ୍କର ମୁଖ୍ୟ ବୃତ୍ତି କୃଷି । କୃଷି ପାଇଁ ଉର୍ବର ମୃତ୍ତିକା ଆବଶ୍ୟକ । ତେଣୁ ଉତ୍ତରସ୍ଥ





ସମତଳ ଅଂଚଳ, ଉପକୂଳବର୍ତ୍ତୀ ସମତଳ ଅଂଚଳ ଏବଂ ତ୍ରିକୋଣଭୂମି ଅଂଚଳ ଉର୍ବର ମୃତ୍ତିକା ବିଶିଷ୍ଟ ହୋଇଥିବାରୁ ଏହି ଅଂଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ । ଅନ୍ୟପକ୍ଷରେ ରାଜସ୍ଥାନର ମରୁଭୂମି ଅଂଚଳ, କଚ୍ଛ ଉପସାଗର ଅଂଚଳ (ଗୁଜୁରାଟ) ଉତ୍ତରାଖଣ୍ଡର ତରାଇ ଅଂଚଳର ମୃତ୍ତିକା କ୍ଷୟ ତଥା ମୃତ୍ତିକାରେ ଲବଣ ଅଂଶ ବୃଦ୍ଧି ଯୋଗୁଁ ମୃତ୍ତିକାର ଉର୍ବରତା ହ୍ରାସ । ତେଣୁ ଏଠାରେ ଜନସଂଖ୍ୟାର ଘନତ୍ୱ କମ୍ ।

### (ଖ) ସାମାଜିକ - ସାଂସ୍କୃତିକ କାରକ :

ଭୌତିକ କାରକ ଭଳି ସାମାଜିକ ସାଂସ୍କୃତିକ କାରକ ଯୋଗୁଁ ମଧ୍ୟ ଜନସଂଖ୍ୟାର ଘନତ୍ୱ ଓ ବିତରଣରେ ବିଭିନ୍ନତା ପରିଲକ୍ଷିତ ହୁଏ । ଜନସଂଖ୍ୟା ଉପରେ ବିଭିନ୍ନ ପ୍ରକାର ସାମାଜିକ-ସାଂସ୍କୃତିକ କାରକ ପ୍ରଭାବ ପକାନ୍ତି । ଯଥା:-

(i) ସାମାଜିକ- ସାଂସ୍କୃତିକ ଓ ରାଜନୈତିକ କାରକ

(ii) ପ୍ରାକୃତିକ ସମ୍ବଳର ଉପଲବ୍ଧତା

### (i) ସାମାଜିକ- ସାଂସ୍କୃତିକ ଓ ରାଜନୈତିକ କାରକ :

ସାମାଜିକ-ସାଂସ୍କୃତିକ ଓ ରାଜନୈତିକ କାରକ କିପରି ଜନସଂଖ୍ୟାର ବୃଦ୍ଧି ଓ ଘନତ୍ୱ ବୃଦ୍ଧିର କାରଣ, ତାହାର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ମୁମ୍ବାଇ-ପୁଣେ ଶିଳ୍ପାଞ୍ଚଳ । 200 ବର୍ଷ ପୂର୍ବେ ପଶ୍ଚିମ ଉପକୂଳରେ ଥାନା କ୍ରିକ୍ ଦୀପପୁଞ୍ଜ ଥିଲା, ଯାହାର କୌଣସି ପ୍ରାଧାନ୍ୟ ନଥିଲା । ପର୍ତ୍ତୁଗୀଜ ନାବିକମାନେ ଏହି ଦ୍ୱୀପପୁଞ୍ଜଗୁଡ଼ିକୁ ଦଖଲ କରିନେଲେ ଏବଂ ପରେ ଇଂଲଣ୍ଡର ରାଜପରିବାରକୁ ଏହି ଦ୍ୱୀପପୁଞ୍ଜକୁ ଯୌତୁକ ରୂପେ ପ୍ରଦାନ କଲେ । ସେ ସମୟରେ ଏହି ଦ୍ୱୀପପୁଞ୍ଜର ଅଧିବାସୀମାନେ ସ୍ୱପ୍ନରେ ସୁଦ୍ଧା ଭାବି ନଥିବେ ଯେ ଦିନେ ଏହି ଅଂଚଳରେ ଭାରତର ସର୍ବାଧିକ ଲୋକ ବସବାସ କରିବେ । ଇଷ୍ଟ ଇଣ୍ଡିଆ କମ୍ପାନୀ ଏଠାରେ ଏକ ବାଣିଜ୍ୟ କେନ୍ଦ୍ର ପ୍ରତିଷ୍ଠା କଲେ ଏବଂ ପରବର୍ତ୍ତୀ ସମୟରେ ଏହାକୁ ବମ୍ବେ ପ୍ରେସିଡ଼େନ୍‌ସୀର ରାଜଧାନୀ ଘୋଷଣା କଲେ । ପ୍ୟାରିସ୍‌ର ବ୍ୟବସାୟୀ ସଂଗଠନ, କଚ୍ଛ ଅଧିବାସୀ ଓ ଗୁଜୁରାଟୀମାନଙ୍କ ସହାୟତାରେ ଏଠାରେ ବୟନ ଶିଳ୍ପର ପ୍ରତିଷ୍ଠା ଜଳଶକ୍ତିର ବିକାଶ ପଶ୍ଚିମଘାଟକୁ ଅତିକ୍ରମ କରି ରେଳପଥ ଓ ସଡ଼କପଥର ବିକାଶ ସମ୍ଭବ ହେଲା । ଅପ୍ରତ୍ୟାଶିତ ଭାବେ ସୁଏଜ୍ ଆନ୍ତର୍ଜାତୀୟ ଜଳପଥ ଯୋଗୁଁ ମୁମ୍ବାଇ ବନ୍ଦର ୟୁରୋପ ମହାଦେଶର ନିକଟତର ହେଲା । ମୁମ୍ବାଇ-ପୁଣେ ଅଂଚଳର ଶିକ୍ଷିତ ଯୁବ ସମାଜର ସୁଲଭତା, କୋଙ୍କଣ ଅଂଚଳରୁ ଉପଲବ୍ଧ ଶୃଙ୍ଖଳିତ ଶ୍ରମଶକ୍ତି ଯୋଗୁଁ ଏଠାରେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଘଟିଲା । ବମ୍ବେ ହାଇରେ ତୈଳଖଣିର ଆବିଷ୍କାର ପରଠାରୁ ଏଠାରେ ପେଟ୍ରୋ-ରସାୟନ ଶିଳ୍ପ ପ୍ରତିଷ୍ଠା ହେଲା । ଆଜି ମୁମ୍ବାଇ ଭାରତର ବାଣିଜ୍ୟିକ ରାଜଧାନୀ ( Commercial Capital) ହୋଇଯାଇଛି । ଏଠାରେ ଆନ୍ତର୍ଜାତୀୟ, ତଥା ଘରୋଇ ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର, ଜାତୀୟ ରାଜପଥ ଓ ରେଳପଥ ଆଦି ରହିଚି । ଠିକ୍ ସେହିଭଳି ଔପନିବେଶୀୟ ଶାସନ ଯୋଗୁଁ କୋଲକାତା ଓ ଚେନ୍ନାଇ ସହର ମଧ୍ୟ ପ୍ରତିଷ୍ଠିତ ହୋଇଥିଲା ।

**(ii) ପ୍ରାକୃତିକ ସମ୍ବଳର ଉପଲବ୍ଧତା :**

ପ୍ରାକୃତିକ ସମ୍ବଳ ବିଶେଷ ଭାବରେ ଖଣିଜ ସମ୍ପଦର ସୁଲଭତା ଥିବା ଅଂଚଳରେ ଖଣିକାର୍ଯ୍ୟ ଓ ଶିଳ୍ପର ବିକାଶ ହେତୁ ବୃତ୍ତିର ସୁଲଭତା ଥାଏ । ତେଣୁ ଏହି ଅଂଚଳରେ ଜନସଂଖ୍ୟାର ଘନତ୍ୱ ଅଧିକ । ଉଦାହରଣ ସ୍ୱରୂପ ଛୋଟନାଗପୁର ମାଳଭୂମି ଅଂଚଳ ପଥୁରିଆ ଓ ଆବଡ଼ା ଖାବଡ଼ା ହେବା ସତ୍ତ୍ୱେ ଏଠାରେ ଅଧିକ ଲୋକବାସ କରନ୍ତି । କାରଣ ଏହି ମାଳଭୂମି ଅଂଚଳ, ଲୁହାପଥର, ମାଙ୍ଗାନିଜ୍, ଚୁନପଥର ଓ କୋଇଲା ଆଦି ଖଣିଜ ପଦାର୍ଥ ପରିପୂର୍ଣ୍ଣ । ଫଳତଃ ଏଠାରେ ଅନେକ ଶିଳ୍ପ ଗଢ଼ିଉଠିଛି । ଉଦାରୀକରଣ କାର୍ଯ୍ୟକାରୀ ହେବା ପରଠାରୁ ଏହି ଅଂଚଳରେ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ପ୍ରତିଷ୍ଠା ହୋଇଛି ।

## 26.4 ରାଜ୍ୟସ୍ତରରେ ଜନସଂଖ୍ୟାର ଘନତ୍ୱ

ରାଜ୍ୟସ୍ତରୀୟ ଡାଟା ଅନୁଯାୟୀ ଭାରତରେ ଜନସଂଖ୍ୟା ଘନତ୍ୱକୁ ତିନି ସ୍ତରରେ ବିଭକ୍ତ କରାଯାଇପାରେ ।

(i) ଅଧିକ ଘନତ୍ୱ ଅଂଚଳ

(ii) ମଧ୍ୟମ ଧରଣର ଘନତ୍ୱ ଅଂଚଳ


(iii) ସ୍ୱଳ୍ପ ଘନତ୍ୱ ଅଂଚଳ

**(i) ଉଚ୍ଚ ଘନତ୍ୱ ଅଂଚଳ :**

ପ୍ରତି ବର୍ଗ କି.ମି ପିଛା 400 ରୁ ଅଧିକ ଲୋକବାସ କରୁଥିବା ଅଂଚଳକୁ ଅଧିକ ଘନତ୍ୱ ବିଶିଷ୍ଟ ଅଂଚଳ କୁହାଯାଏ । ଉର୍ବର ମୃତ୍ତିକା ଓ ପ୍ରଚୁର ବୃଷ୍ଟିପାତ ହେଉଥିବା ଅଂଚଳ ଏହାର ଅନ୍ତର୍ଗତ । ଯଥା- କେରଳ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ । ଏହି ସବୁରାଜ୍ୟରେ ପ୍ରଚୁର ଶସ୍ୟ ଉତ୍ପାଦନ ହୁଏ । ତେଣୁ ଏଠାରେ ଅଧିକ ଲୋକ ବସବାସ କରନ୍ତି । କିନ୍ତୁ ଦିଲ୍ଲୀ, ଚଣ୍ଡିଗଡ଼ ଓ ପୁଡୁଚେରୀ (ପଣ୍ଡିଚେରୀ)ରେ ବୃତ୍ତିର ସୁଲଭତା ସହ ଏହିସବୁ ସହରାଞ୍ଚଳ ହୋଇଥିବାରୁ ଜନସଂଖ୍ୟାର ଘନତ୍ୱ ଅଧିକ ।

**(ii) ମଧ୍ୟମ /ସାଧାରଣ ଘନତ୍ୱ ଅଂଚଳ :**

ପ୍ରତିବର୍ଗ କି.ମି ପିଛା 100 ରୁ 400 ଲୋକ ବାସ କରୁଥିବା ଅଂଚଳ ସାଧାରଣ ଘନତ୍ୱ ଅଂଚଳ । ଆନ୍ଧ୍ରପ୍ରଦେଶ, ଆସାମ, ଦାଦ୍ରା ଓ ନଗର ହାଭେଳି, ଗୋଆ, ଗୁଜୁରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ତ୍ରିପୁରା, ଝାଡ଼ଖଣ୍ଡ, ଛତିଶଗଡ଼, ଜାମୁ ଓ କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ଓ ମେଘାଳୟ ଏହି ଧରଣର ଘନତ୍ୱ ବିଶିଷ୍ଟ ରାଜ୍ୟ । ଭାରତର ସର୍ବାଧିକ ଅଂଚଳ ମଧ୍ୟମ ଘନତ୍ୱ ବିଶିଷ୍ଟ ଅଟେ । ଭୂ-ରୂପ ଯୋଗୁଁ ନିମ୍ନ କୃଷ ଉତ୍ପାଦକ, ସ୍ୱଳ୍ପ ବୃଷ୍ଟି ଓ ଜଳ ସେଚନର ଅଭାବ ଆଦି କାରଣ ଯୋଗୁଁ ମଧ୍ୟମ ଘନତ୍ୱ ସୃଷ୍ଟିହୁଏ ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

*ଚିତ୍ର : ୨୬.୨ ଭାରତ: ଜନସଂଖ୍ୟା ଘନତ୍ୱ,୨୦୦୧*





**(iii) ସ୍ୱଳ୍ପ ଘନତ୍ୱ ଅଞ୍ଚଳ :**

ପ୍ରତିବର୍ଗ କି.ମି. ପିଛା 100 ଜଣରୁ କମ୍ ଲୋକ ବାସ କରୁଥିବା ଅଂଚଳକୁ ସ୍ୱଳ୍ପ ଘନତ୍ୱ ଅଞ୍ଚଳ କୁହାଯାଏ । ଅରୁଣାଚଳପ୍ରଦେଶ, ମିଜୋରାମ, ସିକିମ୍ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏହି ଅଂଚଳର ଅନ୍ତର୍ଗତ । ଉଚ୍ଚ ୀଚ୍ଚ ତଥା ବିଷମ ଭୂ-ରୂପ, କମ ବର୍ଷା ଏବଂ ଅସ୍ୱାସ୍ଥ୍ୟକର ଜଳବାୟୁ ଯୋଗୁଁ ଜନସଂଖ୍ୟାର ସ୍ୱଳ୍ପ ଘନତା ଦେଖାଯାଏ । ଉପରୋକ୍ତ କାରଣ ଯୋଗୁଁ ଲୋକମାନଙ୍କର ଆୟ କମ୍ ଏବଂ ଜୀବନଧାରଣର ମାନ ଅତି ନ୍ୟୁନ । ଏ ଅଂଚଳରେ କୃଷିର ବିକାଶ ସମ୍ଭବ ନୁହେଁ । ପ୍ରତିକୂଳ ଅବସ୍ଥା ହେତୁ ଏହି ଅଂଚଳରେ ନଗରୀକରଣ ବା ଶିଳ୍ପାୟନ ବାଧାପ୍ରାପ୍ତ ହୋଇଯାଇଛି । ତେଣୁ ଏହି ଅଂଚଳରେ ଜନସଂଖ୍ୟା ସୀମିତ ।

- ପଶ୍ଚିମବଙ୍ଗ, କେରଳ, ବିହାର, ପଞ୍ଜାବ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ହରିୟାନା ତଥା ଦିଲ୍ଲୀ, ଚଣ୍ଡିଗଡ଼, ଲାକ୍ଷାଦ୍ୱୀପ, ପୁଡୁଚେରୀ ଏବଂ ଡାମନ୍ ଓ ଡିଉ ପରି କେନ୍ଦ୍ରଶାସିତ ଅଂଚଳକୁ ସର୍ବାଧିକ ଘନତ୍ୱ ବିଶିଷ୍ଟ ।
- ଏହି ଅଂଚଳରେ କୃଷି ସହ ଦ୍ୱିତୀୟକ ଓ ତୃତୀୟକ ବୃତ୍ତିର ସୁଲଭତା ରହିଛି ।
- ଅରୁଣାଚଳ ପ୍ରଦେଶ, ମିଜୋରାମ, ସିକିମ୍ ଏବଂ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜରେ ଜନସଂଖ୍ୟାର ସ୍ୱଳ୍ପତା ପରିଦୃଷ୍ଟ ହୁଏ ।
- ଏହି ଅଞ୍ଚଳଗୁଡ଼ିକର ବିଷମ ଭୂ-ରୂପ, ବୃଷ୍ଟିପାତର ସ୍ୱଳ୍ପତା ଓ ଅସ୍ୱାସ୍ଥ୍ୟକର ଜଳବାୟୁ ସ୍ୱଳ୍ପ ଘନତ୍ୱ ପାଇଁ ଦାୟୀ ।


## 26.5 ଜିଲ୍ଲାସ୍ତରରେ ଜନସଂଖ୍ୟାର ଘନତ୍ୱ :

ଜନସଂଖ୍ୟାର ଘନତ୍ୱକୁ ଭଲଭାବେ ଲକ୍ଷ୍ୟକଲେ ଜଣାପଡ଼େଯେ ପ୍ରତ୍ୟେକ ରାଜ୍ୟରେ ମଧ୍ୟ ଜନସଂଖ୍ୟା ବିତରଣରେ ବିଭିନ୍ନତା ଦେଖାଯାଏ ଏବଂ ଗୋଟିଏ ଭାଗରେ ଏକାଧିକ ଅଂଚଳ ମଧ୍ୟ ରହିଛି । ଜିଲ୍ଲା ସ୍ତରୀୟ ପଦ୍ଧତିକୁ ଭଲ ଭାବେ ବିଶ୍ଳେଷଣ କଲେ ଭୌଗୋଳିକ ବିତରଣ ଅଧିକ ସ୍ପଷ୍ଟ ହେବ । ବିଭିନ୍ନ ପ୍ରାକୃତିକ ଅବସ୍ଥା, ପ୍ରାକୃତିକ ସମ୍ବଳ ବିତରଣରେ ଅସମାନତା ଏବଂ ଅର୍ଥନୈତିକ ବିକାଶର ସ୍ତରଯୋଗୁଁ ଏହି ତୀବ୍ର ଅସମାନତା ଦେଖାଯାଏ । ହିମାଳୟ ପ୍ରଦେଶର ଲାହୁଲ ଓ ସ୍ପିତି ଜିଲ୍ଲାରେ ପ୍ରତିବର୍ଗ କି.ମି ପିଛା 2 ଜଣ ଲୋକ ବସବାସ କରୁଥିବାବେଳେ କେନ୍ଦ୍ରଶାସିତ ଅଂଚଳକ ଦିଲ୍ଲୀରେ ପ୍ରତିବର୍ଗ କି.ମି ପିଛା 19,395 ଲୋକବାସ କରୁଛନ୍ତି । ଦେଶର 20ଟି ଜିଲ୍ଲା ସମ୍ପୂର୍ଣ୍ଣ ରୂପେ ସହର । ଏଗୁଡ଼ିକ ଯଥାକ୍ରମେ ଦିଲ୍ଲୀର ୨ଟି ଜିଲ୍ଲା, କୋଲକାତା, ହାଓ୍ୱାଡ଼ା ପଶ୍ଚିମ ବଙ୍ଗର ଉତ୍ତର ୨୪ପ୍ରଗଣା, ମୁମ୍ବାଇ ଏବଂ ମୁମ୍ବାଇ (ସଦର), ମାହେ, କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ୍, କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡ଼ । ଏହି ଘନତ୍ୱ ଦୁଇଟି ଅଂଚଳରେ ବିସ୍ତୃତ ।

ଯଥା :-(୧) ପଞ୍ଜାବ ଠାରୁ ପଶ୍ଚିମବଙ୍ଗର ଉତ୍ତରସ୍ଥ ସମତଳ ଅଂଚଳ

(୨) ପୂର୍ବରେ ଓଡ଼ିଶାର ଉପକୂଳବର୍ତ୍ତୀ ସମତଳ ଅଂଚଳ ଠାରୁ ପଶ୍ଚିମରେ କୋଙ୍କଣ ଉପକୂଳ ।

ମହାରାଷ୍ଟ୍ର, ଗୁଜୁରାଶଟ ସମତଳ ଅଂଚଳ, ତେଲେଙ୍ଗାନା, ତାମିଲନାଡୁର କିଛି ଅଂଶ ଦକ୍ଷିଣ କର୍ଣ୍ଣାଟକ ଏବଂ





ଝାଡ଼ଖଣ୍ଡର ଛୋଟନାଗପୁର ଅଂଚଳରେ ମଧ୍ୟମ ଧରଣର ଘନତ୍ୱ ଦେଖାଯାଏ । ପାହାଡ଼ିଆ, ଜଙ୍ଗଲ ପରିପୂର୍ଣ୍ଣ ଓ ବରଫାବୃତ୍ତ ଅଂଚଳରେ ସ୍ୱଳ୍ପ ଘନତ୍ୱ ଦେଖାଯାଏ । ହିମାଳୟ ପାର୍ବତ୍ୟାଞ୍ଚଳ, ରାଜସ୍ଥାନର ମରୁଭୂମିର ଅଂଚଳ ବିଶେଷଭାବେ ଜୟସାଲମେର୍ ଜିଲ୍ଲା ଏବଂ ଗୁଜୁରାଟର କଚ୍ଛ ଜିଲ୍ଲାରେ ଅତି ଅଳ୍ପ ସଂଖ୍ୟକ ଲୋକବାସ କରନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୬.୧

1. ଜନସଂଖ୍ୟାର ଉଚ୍ଚ ଘନତ୍ୱ ବିଶିଷ୍ଟ ତିନୋଟି ରାଜ୍ୟର ନାମ ଲେଖ ।

   (i) ______ (ii) ______ (iii) ______

2. ଉଚ୍ଚ ଘନତ୍ୱ ବିଶିଷ୍ଟ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳର ନାମ ଲେଖ ।

   (i) ______ (ii) ______ (iii) ______

3. ସ୍ୱଳ୍ପ ଘନତ୍ୱ ବିଶିଷ୍ଟ ତିନୋଟି ରାଜ୍ୟର ନାମ ଲେଖ ।

   (i) ______ (ii) ______ (iii) ______

4. ଜନସଂଖ୍ୟାର ସ୍ୱଳ୍ପ ଘନତ୍ୱ ବିଶିଷ୍ଟ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ନାମ ଲେଖ ।

   ______

5. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

   (i) ପ୍ରଚୁର ବୃଷ୍ଟିପାତ ଓ ଉର୍ବର ମୃତ୍ତିକା ଅଂଚଳରେ ଜନସଂଖ୍ୟାର ______ ଘନତ୍ୱ ।

   (ଉଚ୍ଚ/ ମଧ୍ୟମ/ ନିମ୍ନ)

   (ii) ମରୁଡ଼ିଗ୍ରସ୍ତ ତଥା ବିଷମ ଭୂ-ରୂପ ବିଶିଷ୍ଟ ଅଂଚଳରେ ଜନସଂଖ୍ୟାର ______ ଘନତ୍ୱ ।

   (ଉଚ୍ଚ/ ମଧ୍ୟମ/ ନିମ୍ନ)

---

### 26.6 ଜନସଂଖ୍ୟାର ବୃଦ୍ଧି :

କୌଣସି ଅଂଚଳରେ ଜନସଂଖ୍ୟାର ବୃଦ୍ଧି ସେହି ଅଂଚଳର ଜନ୍ମହାର ମୃତ୍ୟୁହାର ଏବଂ ସ୍ଥାନାନ୍ତରଣ ଉପରେ ନିର୍ଭର କରେ । ପ୍ରତି 1000 ଜନସଂଖ୍ୟାରେ ପ୍ରତିବର୍ଷ ଜନ୍ମଗ୍ରହଣ କରୁଥିବା ଶିଶୁ ସଂଖ୍ୟାକୁ ଜନ୍ମହାର କୁହାଯାଏ । ବିଭିନ୍ନ ପ୍ରକାର ସାମାଜିକ, ଅର୍ଥନୈତିକ ଏବଂ ଜନସଂଖ୍ୟାର ପରମାୟୁ ଆଦି କାରକଦ୍ୱାରା ଜନ୍ମହାର ପ୍ରଭାବିତ । ଠିକ୍ ସେହିପରି ପ୍ରତିବର୍ଷ ପ୍ରତି 1000 ଜନସଂଖ୍ୟାରେ ମୃତ୍ୟୁବରଣ କରୁଥିବା ସଂଖ୍ୟାକୁ ମୃତ୍ୟୁହାର କୁହାଯାଏ । ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ପାର୍ଥକ୍ୟକୁ ଜନସଂଖ୍ୟା ବୃଦ୍ଧିର ହାର କୁହାଯାଏ । ଗୋଟିଏ ଅଂଚଳରୁ ଅନ୍ୟ ଏକ ଅଂଚଳକୁ ବା ଗୋଟିଏ ଦେଶରୁ ଅନ୍ୟ ଗୋଟଏ ଦେଶକୁ ଲୋକଙ୍କର ସ୍ଥାନାନ୍ତରଣ ହିଁ ମାଇଗ୍ରେସନ୍ ( Migration) । ଜନସଂଖ୍ୟା ବୃଦ୍ଧିର ହାର ଧନାତ୍ମକ ବା ଋଣାତ୍ମକ ହୋଇପାରେ । ବୃଦ୍ଧିର ହାର ବୃଦ୍ଧିପାଇଲେ ତା'କୁ ଧନାତ୍ମକ ବୃଦ୍ଧି ଓ ହ୍ରାସ ପାଇଲେ ଋଣାତ୍ମକ ବୃଦ୍ଧି ବୋଲି ବିବେଚନା କରାଯାଏ ।

**ସାରଣୀ 26.1 ଭାରତ : ଜନସଂଖ୍ୟାର ବୃଦ୍ଧି ( 1901-2001)**

| *ଜନଗଣନା ବର୍ଷ* | *ଜନସଂଖ୍ୟା ମିଲିୟନ୍‌ରେ* | *ପ୍ରକୃତ ପରିବର୍ତ୍ତନ ମିଲିୟନ୍‌ରେ* | *ପରିବର୍ତ୍ତନ (%)* | *ହାରାହାରି ବାର୍ଷିକ ବୃଦ୍ଧି* |
|---|---|---|---|---|
| 1901 | 238.40 | – | – | – |
| 1911 | 252.09 | +13.70 | 5.75 | 0.56 |
| 1921 | 251.32 | -0.77 | -0.31 | -0.03 |
| 1931 | 278.98 | +27.66 | 11.00 | 1.04 |
| 1941 | 318.66 | +39.68 | 14.22 | 1.33 |
| 1951 | 361.09 | +42.43 | 13.31 | 1.25 |
| 1961 | 439.23 | +78.15 | 21.64 | 1.96 |
| 1971 | 548.16 | +108.92 | 24.80 | 2.22 |
| 1981 | 686.33 | +135.17 | 24.66 | 2.22 |
| 1991 | 843.39 | +163.06 | 23.86 | 2.14 |
| 2001 | 1027.02 | +180.63 | 21.34 | 1.93 |

## ଜିଲ୍ଲାସ୍ତରୀୟ ଜନସଂଖ୍ୟା ବୃଦ୍ଧିର ପ୍ରତିରୂପ :

ଜିଲ୍ଲାସ୍ତରୀୟ ବିଶ୍ଳେଷଣରୁ ଜଣାପଡ଼େଯେ 19 ଟି ଜିଲ୍ଲାରେ ଜନସଂଖ୍ୟା ବୃଦ୍ଧିର ହାର ଅଧିକ, ଏପରିକି 50% ରୁ ମଧ୍ୟ ଅଧିକ । ଅନ୍ୟପକ୍ଷରେ 58 ଟି ଜିଲ୍ଲାରେ ବୃଦ୍ଧିର ହାର 10% ରୁ ମଧ୍ୟ କମ୍ । ଉଚ୍ଚ ବୃଦ୍ଧିହାର ବିଶିଷ୍ଟ 19 ଟି ଜିଲ୍ଲା ମଧ୍ୟରୁ ପାଞ୍ଚଟି ନାଗାଲାଣ୍ଡରେ ଓ ଚାରୋଟି ଦିଲ୍ଲୀରେ ଅଛି । ନିମ୍ନ ବୃଦ୍ଧିହାର ଥିବା 58 ଜିଲ୍ଲା ମଧ୍ୟରୁ 40 ଟି ଜିଲ୍ଲା ଦକ୍ଷିଣ ଭାରତରେ ଅବସ୍ଥିତ । ଏହି 40ଟି ଜିଲ୍ଲା ମଧ୍ୟରୁ 20 ଟି ତାମିଲନାଡୁରେ 11ଟି କେରଳରେ, 5ଟି ଆନ୍ଧ୍ରପ୍ରଦେଶରେ ଏବଂ 4ଟି କର୍ଣ୍ଣାଟକରେ ରହିଛି ।

ଆମେ ଯଦି ଜିଲ୍ଲାସ୍ତରୀୟ ପ୍ରତିରୂପକୁ ନୀରିକ୍ଷଣ କରିବା, ତେବେ ଜାଣିପାରିବା ଯେ ପଶ୍ଚିମରେ ହରିୟାନା ଠାରୁ ପୂର୍ବରେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ସଂପୂର୍ଣ୍ଣ ସିନ୍ଧୁ-ଗାଙ୍ଗେୟ ସମତଳ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧିର ହାର ଅପେକ୍ଷାକୃତ ଅଧିକ । ସାତପୁରା ପର୍ବତଶ୍ରେଣୀର ଉତ୍ତରରେ ମାଲଓ୍ୱା ମାଳଭୂମି, ସମଗ୍ର ରାଜସ୍ଥାନ (ମରୁଭୂମି ସହିତ), ପଶ୍ଚିମ ମହାରାଷ୍ଟ୍ର ଏବଂ ଉତ୍ତର-ପୂର୍ବ ରାଜ୍ୟର କିଛି ଅଂଶରେ ଜନସଂଖ୍ୟା ବୃଦ୍ଧିର ହାର ଅଧିକ । ଅନ୍ୟପକ୍ଷରେ ଗୋଦାବରୀ ଅବବାହିକା, ଛତିଶଗଡ଼ ସମତଳ ଅଞ୍ଚଳ, ଛୋଟନାଗପୁର ମାଳଭୂମି, ପଶ୍ଚିମବଙ୍ଗର ପଶ୍ଚିମାଂଶ ଏବଂ ଓଡ଼ିଶାରେ ବୃଦ୍ଧିର ହାର କମ୍ । ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ଡ଼େକାନ ମାଳଭୂମିର ଦକ୍ଷିଣାଂଶରେ ବୃଦ୍ଧିର ହାର ଅତି ନ୍ୟୁନ ।

ସାରଣୀ ନଂ 26.1ରୁ ତୁମେ ଜାଣିପାରିବ ଯେ 1901 ମସିହାରେ ଭାରତର ମୋଟ୍ ଜନସଂଖ୍ୟା 23.84 କୋଟି ଥିଲା । 2001 ଜନଗଣନା ଅନୁଯାୟୀ ଏହି ସଂଖ୍ୟା 102.70 କୋଟିରେ ପହଞ୍ଚିଥିଲା । ଅର୍ଥାତ୍ ବିଗତ





ଶହେ ବର୍ଷ ମଧ୍ୟରେ 74.86 କୋଟି ଜନସଂଖ୍ୟା ବୃଦ୍ଧି ହୋଇଥିଲା । ତେଣୁ ବିଗତ ଶହେବର୍ଷର ବୃଦ୍ଧି ଚାରୋଟି ଶ୍ରେଣୀ ବା ସ୍ତରରେ ବିଭକ୍ତ କରାଯାଇପାରେ ।

1. ସ୍ଥିର ବୃଦ୍ଧିହାର ସମୟ (1921 ପୂର୍ବରୁ)
2. ନିୟମିତ ବୃଦ୍ଧିହହାର ସମୟ (1921-1951 ପର୍ଯ୍ୟନ୍ତ)
3. ଦ୍ରୁତ ବୃଦ୍ଧିହାର ସମୟ (1951-1981)
4. ନିମ୍ନଗାମୀ ବୃଦ୍ଧିହାର ସମୟ (1981 ପରେ)

ଆସ ପ୍ରତ୍ୟେକ ସ୍ତର ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କରିବା

1. 1921 ମସିହା ପୂର୍ବରୁ ଜନସଂଖ୍ୟାର ବୃଦ୍ଧିର ହାର ବିକ୍ଷିପ୍ତ ଅନିୟମିତ ଓ ଧିର ଥିଲା । ଏହାର କାରଣ ଥିଲା ଉଚ୍ଚ ଜନ୍ମହାର ଓ ମୃତ୍ୟୁହାର । ତେଣୁ ପ୍ରାକୃତିକ ବୃଦ୍ଧି ସ୍ଥିର ଥିଲା । 1911-21 ମଧ୍ୟରେ ଦୁର୍ଭିକ୍ଷ ଓ ମହାମାରୀ ଆଦି ଯୋଗୁଁ ବୃଦ୍ଧିର ହାର ହ୍ରାସ ପାଇଲା । 1921 ମସିହା ପରେ ପୁନର୍ବାର ଏହା ବୃଦ୍ଧି ପାଇଲା । ଏହି କାରଣରୁ 1921 ମସିହାକୁ ଭାରତର ଜନସଂଖ୍ୟା ଅଧ୍ୟୟନରେ 'ଜନସାଂଖ୍ୟିକ ବିଭାଜକ' କୁହାଯାଏ ।

2. 1921 ରୁ 1951 ମଧ୍ୟରେ ଜନସଂଖ୍ୟାର ନିୟମିତ ବୃଦ୍ଧି ହୋଇଥିଲା । ପରିମଳ ବ୍ୟବସ୍ଥା ଓ ଚିକିତ୍ସା ବିଜ୍ଞାନରେ ଉନ୍ନତି ହେତୁ ମୃତ୍ୟୁହାର ହ୍ରାସ ପାଇଲା, ଯାହାଫଳରେ ଜନସଂଖ୍ୟା ବୃଦ୍ଧି ଘଟିଥିଲା । ପରିବହନ ବ୍ୟବସ୍ଥାର ଉନ୍ନତି ଯୋଗୁଁ ଖାଦ୍ୟାଭାବ ଦେଖାଯାଉଥିବା ଅଂଚଳରେ ତୁରନ୍ତ ଖାଦ୍ୟ ପଦାର୍ଥ ପହଞ୍ଚିପାରିଲା, ଯାହାଫଳରେ ଖାଦ୍ୟାଭାବ ଜନିତ ମୃତ୍ୟୁ ହ୍ରାସ ପାଇଥିଲା । ତା'ସହିତ କୃଷି ଅର୍ଥ ବ୍ୟବସ୍ଥାରେ ଉନ୍ନତି ଯୋଗୁଁ ମଧ୍ୟ ମୃତ୍ୟୁହାର କମି ଜନ୍ମ ସଂଖ୍ୟା ବୃଦ୍ଧି ପାଇଥିଲା । ତେଣୁ ଏହି ସମୟ ମଧ୍ୟରେ ଜନସଂଖ୍ୟା ବୃଦ୍ଧିକୁ 'ମୃତ୍ୟୁରୋଧକ ବୃଦ୍ଧି' କୁହାଯାଏ ।

3. 1951-1981 ଏହି ତିନି ଦଶନ୍ଧି ମଧ୍ୟରେ ଭାରତର ଜନସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଥିଲା । ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏହି ସମୟ ଦେଶ ପାଇଁ ଅତି ସଙ୍କଟମୟ ଥିଲା । ଏହି ସମୟରେ ମୃତ୍ୟୁହାର ଦ୍ରୁତଗତିରେ ହ୍ରାସ ପାଇଲା ମାତ୍ର ଜନ୍ମହାର ନାମମାତ୍ର ହ୍ରାସ ପାଇଥିଲା । ସାରଣୀକୁ ଲକ୍ଷ୍ୟକଲେ ତୁମେ ଜାଣିପାରିବ ଯେ ମୃତ୍ୟୁହାର 22.8 ରୁ 15.0 କୁ ହ୍ରାସ ପାଇଥିଲା । ତେଣୁ ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ଉଚ୍ଚ ପାର୍ଥକ୍ୟ ସୃଷ୍ଟି ହୋଇଥିଲା । ଯାହାଫଳରେ ପ୍ରାକୃତିକ ବୃଦ୍ଧିହାର ବହୁତ ଅଧିକ ଥିଲା । ବିକାଶମୂଳକ କାର୍ଯ୍ୟରେ ତୀବ୍ରତା, ଚିକିତ୍ସା ସୁବିଧା ଏବଂ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀରେ ଉନ୍ନତି ଆଦି କାରଣ ଯୋଗୁଁ ଜନସଂଖ୍ୟା ବୃଦ୍ଧି ହୋଇଥିଲା । ଜନସଂଖ୍ୟା ବୃଦ୍ଧିର ଏହି ସମୟକୁ 'ଉତ୍ପାଦକତା ରୋଧକ ବୃଦ୍ଧି' କୁହାଯାଏ ।

4. 1981-2001, ଏହି ଦୁଇ ଦଶନ୍ଧିରେ ଜନସଂଖ୍ୟା ବୃଦ୍ଧିର ହାର ହ୍ରାସ ପାଇବାକୁ ଆରମ୍ଭ ହେଲା । ଏହାଦ୍ୱାରା ଭାରତର ଜନସାଂଖ୍ୟିକ ଇତିହାସରେ ଏକ ଯୁଗ ଆରମ୍ଭ ହେବାର ସଂକେତ ମିଳିଲା । ଏହି ସମୟ ମଧ୍ୟରେ ଜନ୍ମହାର ହ୍ରାସ ପାଇଲା । 1971-81 ଜନ୍ମହାର 37.2 ଥିବାବେଳେ 1991-2001 ବେଳକୁ ଏହା 24.8 କୁ ହ୍ରାସ ପାଇଥିଲା । ମୃତ୍ୟୁହାର ମଧ୍ୟ 15.0 ରୁ 8.9 ରେ ପହଞ୍ଚିଥିଲା । ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଓ ଜନସଚେତନତା ହେତୁ ଜନସଂଖ୍ୟା ବୃଦ୍ଧିର ହାର ହ୍ରାସ ପାଇଥିଲା ।

**ସାରଣୀ 26.2 ଭାରତ : ଜନ୍ମହାର, ମୃତ୍ୟୁହାର ଓ ପ୍ରାକୃତିକ ବୃଦ୍ଧିହାର**

| ଦଶନ୍ଧି | ଜନ୍ମହାର | ମୃତ୍ୟୁହାର | ପ୍ରାକୃତିକ ବୃଦ୍ଧି (ପ୍ରତି ହଜାର ପିଛା) | ପ୍ରାକୃତିକ ବୃଦ୍ଧି (ଶତକଡ଼ାରେ) |
|---|---|---|---|---|
| 1901-11 | 49.2 | 42.6 | 6.6 | 0.60 |
| 1911-21 | 48.1 | 47.2 | 0.9 | 0.09 |
| 1921-31 | 46.4 | 36.3 | 10.1 | 1.01 |
| 1931-41 | 45.2 | 31.2 | 14.0 | 1.40 |
| 1941-51 | 39.9 | 27.4 | 12.5 | 1.25 |
| 1951-61 | 41.7 | 22.8 | 18.9 | 1.89 |
| 1961-71 | 41.2 | 19.0 | 22.2 | 2.22 |
| 1971-81 | 37.2 | 15.0 | 22.2 | 2.22 |
| 1981-91 | 32.7 | 11.7 | 21.0 | 2.10 |
| 1991-2001 | 24.8 | 8.9 | 15.9 | 1.60 |

- ◆ ଜନ୍ମହାର, ମୃତ୍ୟୁହାର ଓ ସ୍ଥାନାନ୍ତରଣର ପରିଣାମ ଜନସଂଖ୍ୟା ବୃଦ୍ଧିର ହାର । ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ଥିବା ପାର୍ଥକ୍ୟକୁ ଜନସଂଖ୍ୟାର ପ୍ରାକୃତିକ ବୃଦ୍ଧି କୁହାଯାଏ ।
- ◆ ମୃତ୍ୟୁହାରରେ ଦ୍ରୁତ ହ୍ରାସ ଯୋଗୁଁ 1921 ମସିହା ଠାରୁ ଜନସଂଖ୍ୟାର ନିୟମିତ ବୃଦ୍ଧି ହୋଇଥିଲା ।

## 26.7 ରାଜ୍ୟ ସ୍ତରରେ ଜନସଂଖ୍ୟା ବୃଦ୍ଧିର ପ୍ରତିରୂପ :

ଦେଶର ସବୁସ୍ଥାନରେ ଜନସଂଖ୍ୟା ବୃଦ୍ଧିର ହାର ସମାନ ନୁହେଁ । ଦେଶର କିଛି ଅଂଶରେ ବୃଦ୍ଧିର ହାର ଅଧିକ । 1991-2001 ମସିହା ମଧ୍ୟରେ ଦେଶର ହାରାହାରି ବୃଦ୍ଧି 21.39% ଥିଲା । ଯଦି ଆମେ ଆନ୍ତଃ-ରାଜ୍ୟ ପାର୍ଥକ୍ୟକୁ ଲକ୍ଷ୍ୟ କରିବା, ତେବେ ଦେଖିବା ଯେ କେରଳର ଜନସଂଖ୍ୟାର ବୃଦ୍ଧିହାର ସର୍ବନିମ୍ନ (୨.4%) ଏବଂ ନାଗାଲାଣ୍ଡରେ ବୃଦ୍ଧିହାର ସର୍ବାଧିକ (64.41%) ।


ଉତ୍ତର ତଥା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଜନସଂଖ୍ୟା ବୃଦ୍ଧିହାର ଅଧିକ । ମାତ୍ର ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକର ବୃଦ୍ଧିର ହାର ଅପେକ୍ଷାକୃତ କମ୍ । ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ଉଚ୍ଚ ସାକ୍ଷରତା ହାର, ପ୍ରାଥମିକ ସ୍ୱାସ୍ଥ୍ୟସେବାର ବ୍ୟାପକ ସୁବିଧା, ଅଧିକ ସହରାଞ୍ଚଳ ଅଧିବାସୀ ଓ ସୁଦୃଢ଼ ଅର୍ଥବ୍ୟବସ୍ଥା ଆଦି କାରଣ ଯୋଗୁଁ ଜନସଂଖ୍ୟା ବୃଦ୍ଧିର ହାର କମ୍ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୬.୨

1. ସଠିକ୍ ଉତ୍ତରରେ (✓) ଚିହ୍ନ ମାର ।

(i) ଭାରତରେ ଜନସଂଖ୍ୟା ବୃଦ୍ଧିର ପ୍ରମୁଖ କାରଣ

(କ) ଦ୍ରୁତ ଜନ୍ମହାର ବୃଦ୍ଧି (ଖ) ମୃତ୍ୟୁହାରର ଦ୍ରୁତ ହ୍ରାସ



ଟିପ୍ପଣୀ

(ଗ) ବାହାର ଲୋକଙ୍କ ଅଧିକ ସଂଖ୍ୟାରେ ଦେଶକୁ ଆଗମନ

(ଘ) ଅତି ଉଚ୍ଚ ଜନ୍ମହାର ଓ ମୃତ୍ୟୁହାର

(ii) ଭାରତର ଜନସଂଖ୍ୟା ବୃଦ୍ଧିର ହାର କ୍ରମାଗତ ଭାବେ ବୃଦ୍ଧିପାଉଛି ।

(କ) 1901 ଠାରୁ (ଖ) 1921 ଠାରୁ


(ଗ) 1951 ଠାରୁ (ଘ) 1981 ଠାରୁ

2. ସର୍ବାଧିକ ଜନସଂଖ୍ୟା ବୃଦ୍ଧିର ହାର ଥିବା ରାଜ୍ୟର ନାମ ଲେଖ ।

______________________________

3. ସର୍ବନିମ୍ନ ଜନସଂଖ୍ୟା ବୃଦ୍ଧିର ହାର ଥିବା ରାଜ୍ୟର ନାମ ଲେଖ ।

______________________________




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

*ମାନଚିତ୍ର ନଂ 26.3 ଭାରତ : ଜନସଂଖ୍ୟା ବୃଦ୍ଧି ( 1991-2001 )*





## 26.8 ସ୍ଥାନାନ୍ତରଗମନ ( Migration)

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ଜନସଂଖ୍ୟା ବୃଦ୍ଧି ଜନ୍ମହାର, ମୃତ୍ୟୁହାର ଓ ସ୍ଥାନାନ୍ତର ଗମନ ଉପରେ ନିର୍ଭର କରେ । ସ୍ଥାନାନ୍ତରଣର ପ୍ରକୃତି ଉପରେ ନିର୍ଭର କରି ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯଥା- (i) ସ୍ଥାୟୀ (ii) ଅସ୍ଥାୟୀ

ମୂଳସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ଗମନ କରିବା ପରେ ଯଦି ମୂଳସ୍ଥାନକୁ ଆଉ ଫେରା ନଯାଏ, ତା'କୁ ସ୍ଥାୟୀ ସ୍ଥାନାନ୍ତର ଗମନ କହନ୍ତି । ଉଦାହରଣ ସ୍ୱରୂପ ଗ୍ରାମାଞ୍ଚଳକୁ ସହରାଞ୍ଚଳକୁ ସ୍ଥାୟୀ ଅଧିବାସୀ ଭାବେ ସ୍ଥାନାନ୍ତରଣ । କିନ୍ତୁ ଅସ୍ଥାୟୀ ସ୍ଥାନାନ୍ତର ଗମନ କ୍ଷେତ୍ରରେ ମୂଳସ୍ଥାନକୁ ପୁନର୍ବାର ଫେରିବା ହୁଏ । ଉଦାହରଣ ସ୍ୱରୂପ ଶସ୍ୟ ଅମଳ ସମୟରେ ବିହାରରୁ କୃଷି ଶ୍ରମିକମାନଙ୍କର ପଞ୍ଜାବ ଓ ହରିୟାନାକୁ ସ୍ଥାନାନ୍ତରଣ । ଏହାକୁ ଋତୁକାଳୀନ ସ୍ଥାନାନ୍ତର ଗମନ କହନ୍ତି । ତୁମେ ଲକ୍ଷ୍ୟ କରିଥିବ ଦୈନିକ ବହୁତ ଲୋକ ନିକଟବର୍ତ୍ତୀ ଅଂଚଳକୁ ସହରକୁ କାମ ଉଦ୍ଦେଶ୍ୟରେ ଆସନ୍ତି ଏବଂ କାମ ସରିବା ପରେ ସନ୍ଧ୍ୟାରେ ଫେରିଯାଆନ୍ତି । ଏହାକୁ ଦୈନିକ ସ୍ଥାନାନ୍ତରଣ କହନ୍ତି ।

ପାର୍ବତ୍ୟ ଅଂଚଳର ଅଧିବାସୀମାନେ ଗ୍ରୀଷ୍ମଋତୁରେ ନିଜର ଗୃହପାଳିତ ପଶୁମାନଙ୍କୁ ନେଇ ଚାରଣ ପାଇଁ ପର୍ବତର ଉପରଭାଗକୁ ଯାତ୍ରା କରନ୍ତି ଏବଂ ଶୀତ ଋତୁରେ ପୁନର୍ବାର ଉପତ୍ୟକାକୁ ଓହ୍ଲାଇ ଆସନ୍ତି । ସେମାନଙ୍କର ଏପ୍ରକାର ଉପରତଳ ଯିବା ଆସିବାର ନିର୍ଦ୍ଦିଷ୍ଟ ରାସ୍ତା ରହିଛି ଏବଂ ପଶୁମାନଙ୍କର ନିର୍ଦ୍ଦିଷ୍ଟ ଚାରଣ ଭୂମି ମଧ୍ୟ ରହିଛି । ସେମାନଙ୍କର ଏହିପ୍ରକାର ଋତୁକାଳୀନ ଉପର ତଳ ଯିବା ଆସିବାକୁ 'ଟ୍ରାନସ୍-ହ୍ୟୁମାନ୍ସ୍' କୁହାଯାଏ । ହିମାଚଳ ପ୍ରଦେଶର ଗଦ୍‌ଦୀ ଜନଜାତି ଓ ଜାମ୍ମୁ-କାଶ୍ମୀରର ବକରଓ୍ୱାଲ୍ ଜନଜାତି ପ୍ରତିବର୍ଷ ଏହିପ୍ରକାର ସ୍ଥାନାନ୍ତର ଗମନ କରନ୍ତି ।


ପ୍ରବାସୀ ଲୋକଙ୍କର ମୂଳସ୍ଥାନ ତଥା ନିର୍ଦ୍ଦିଷ୍ଟ ସ୍ଥାନ ଉପରେ ଆଧାର କରି ସ୍ଥାନାନ୍ତର ଗମନକୁ ଚାରିଭାଗରେ ବିଭକ୍ତ କରାଯାଇପାରେ । ଯଥା :

(i) ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳକୁ
(ii) ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ
(iii) ସହରାଞ୍ଚଳକୁ ସହରାଞ୍ଚଳକୁ
(iv) ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ

- ◆ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲୋକଙ୍କର ସ୍ଥାନାନ୍ତରଣକୁ ସ୍ଥାନାନ୍ତର ଗମନ ( Migration) କୁହାଯାଏ ।
- ◆ ସ୍ଥାନାନ୍ତର ଗମନ ତିନି ପ୍ରକାର । ଯଥା (i) ସ୍ଥାୟୀ (ii) ଅସ୍ଥାୟୀ (iii) ଦୈନିକ
- ◆ ଋତୁ ଅନୁସାରେ ଏକ ନିର୍ଦ୍ଦିଷ୍ଟ ପଥରେ ନିଜର ଜିନିଷପତ୍ର ଓ ପଶୁପଲ ସହ ଲୋକଙ୍କର ଅସ୍ଥାୟୀ ସ୍ଥାନାନ୍ତରଣକୁ 'ଟ୍ରାନ୍ସ-ହ୍ୟୁମାନ୍ସ୍' କହନ୍ତି ।

## 26.9 ଭାରତରେ ସ୍ଥାନାନ୍ତର ଗମନର ପ୍ରବୃତ୍ତି

ଆମଦେଶରେ 1.02 ବିଲିୟନ୍ ଲୋକଙ୍କ ମଧ୍ୟରୁ 30% କୋଟି 70 ଲକ୍ଷ ଲୋକଙ୍କ ନାମ ପ୍ରବାସୀ (ଜନ୍ମସ୍ଥାନର ଆଧାର ଅନୁଯାୟୀ) ରୂପେ ଲିପିବଦ୍ଧ । ଜନଗଣନା ସମୟରେ ଲୋକଙ୍କର ଜନ୍ମସ୍ଥାନ ବ୍ୟତୀତ ଅନ୍ୟସ୍ଥାନରେ ମଧ୍ୟ ଗଣନା କରାଗଲେ, ସେମାନଙ୍କୁ ପ୍ରବାସୀ ଶ୍ରେଣୀଭୁକ୍ତ କରାଯାଏ । 2001 ଜନଗଣନାରେ (ଜାମ୍ମୁ-



ଟିପ୍ପଣୀ

କାଶ୍ମୀର ଛଡ଼ା)  30% ଥିବାବେଳେ 1991 ଜଣଗଣନା ଅନୁଯାୟୀ 27.4% ଥିଲା । ପ୍ରକୃତରେ ବିଗତ କିଛି ଦଶକରେ ପ୍ରବାସୀ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଯଦି 1961 ଓ 2001 ଜନଗଣନାକୁ ତୁଳନା କରାଯାଏ, 1961 ରେ ପ୍ରବାସୀ ଲୋକଙ୍କ ସଂଖ୍ୟା 14 କୋଟି 40 ଲକ୍ଷ ଥିବାବେଳେ 2001 ରେ ଏହା 30 କୋଟି 70 ଲକ୍ଷ ହୋଇଥିଲା । ବିଗତ ଦଶକ ଅର୍ଥାତ୍ 1991-2001 ମଧ୍ୟରେ ପ୍ରବାସୀ ସଂଖ୍ୟାରେ 32.9% (ଜାମ୍ମୁ-କାଶ୍ମୀର ବ୍ୟତୀତ) ବୃଦ୍ଧି ହୋଇଥିଲା । ନିମ୍ନରେ ପ୍ରଦତ୍ତ ସାରଣୀରେ ପ୍ରବାସୀଙ୍କ ସଂଖ୍ୟା (ଲିଙ୍ଗଭେଦ, ପ୍ରବାସର ସ୍ରୋତ ଏବଂ ଗନ୍ତବ୍ୟସ୍ଥଳ ଆଧାରରେ) ପ୍ରଦତ୍ତ ହୋଇଛି ।

| ପ୍ରବାସୀ ପ୍ରକାର ଭେଦ | ଜନ ସଂଖ୍ୟା ( ନିୟୁତରେ) |
|---|---|
| ମୋଟ ପ୍ରବାସୀ | 307.1 |
| ପୁରୁଷ | 90.4 |
| ମହିଳା | 216.7 |
| ଅନ୍ତଃ ଜିଲ୍ଲା ପ୍ରବାସ | 181.7 |
| ଆନ୍ତଃ ଜିଲ୍ଲା ପ୍ରବାସ | 76.8 |
| ଅନଃ ରାଜ୍ୟ ପ୍ରବାସ | 42.3 |
| ବିଦେଶରୁ ପ୍ରବାସ | 6.1 |

ଯଦି ଆମେ ପ୍ରବାସୀମାନଙ୍କର ସ୍ଥାନାନ୍ତରଣ ପ୍ରତିରୂପକୁ ଲକ୍ଷ୍ୟ କରିବା, ତେବେ ଜାଣିପାରିବା ଯେ ମହାରାଷ୍ଟ୍ରର ପ୍ରବାସୀ ସଂଖ୍ୟା ସର୍ବାଧିକ ( 7.୨ ନିୟୁତ), ଦିଲ୍ଲୀରେ 5.6 ନିୟୁତ, ପଶ୍ଚିମବଙ୍ଗରେ 5.5 ନିୟୁତ । ଅନ୍ୟ ପକ୍ଷରେ ଉତ୍ତର ପ୍ରଦେଶ, ବିହାର ଓ ରାଜସ୍ଥାନରୁ ସର୍ବାଧିକ ଲୋକ ବାହାରକୁ ସ୍ଥାନାନ୍ତରୀତ ହୁଅନ୍ତି । ଯଦି ଆମେ ଆନ୍ତଃ-ପ୍ରବାସୀ ଓ ବହିର୍ପ୍ରବାସୀ ସଂଖ୍ୟାର ପାର୍ଥକ୍ୟକୁ ଦେଖିବା, ଜାଣିପାରିବା ଯେ ମହାରାଷ୍ଟ୍ର ସର୍ବାଧିକ 2.3 ନିୟୁତ ଦିଲ୍ଲୀ 1.7 ନିୟୁତ, ଗୁଜୁରାଟ 0.6୪ ନିୟୁତ ଓ ହରିୟାନାରେ 0.67 ନିୟୁତ ପ୍ରବାସୀ ଅଛନ୍ତି ।

ଆସ ଏହି ପ୍ରବାସୀ ମାନଙ୍କର ରୂପରେଖ ବିସ୍ତୃତ ଭାବେ ଜାଣିବା । ପ୍ରବାସୀମାନଙ୍କର ଗଣନା ସେମାନଙ୍କର ବୟସ ତଥା ସେହି ସ୍ଥାନରେ ରହିବାର ଅବଧି ଦ୍ୱାରା କରାଯାଏ । ଜନଗଣନାରେ ପ୍ରଥମଟିକୁ ଜନ୍ମସ୍ଥାନାର ଆଧାର ଉପରେ ଓ ଦ୍ୱିତୀୟକୁ ବାସସ୍ଥାନର ଆଧାର ଉପରେ ପ୍ରବାସୀ କୁହାଯାଏ ।

**(i) ଆୟୁବର୍ଗ ଅନୁଯାୟୀ ପ୍ରବାସୀ :**

ମୋଟ୍ 25 କୋଟି ୪0 ଲକ୍ଷ ଅନ୍ତଃ ରାଜ୍ୟ ପ୍ରବାସୀଙ୍କ ମଧ୍ୟରୁ 15-24 ବର୍ଷ ବର୍ଗରେ 17.5%, 25-34 ବର୍ଷ ବର୍ଗରେ  23.2%, 35-59 ବର୍ଷ ବର୍ଗରେ 35.6% ଅଛନ୍ତି । ଆନ୍ତଃ ରାଜ୍ୟ ପ୍ରବାସୀଙ୍କ ମଧ୍ୟରେ 15-24 ବର୍ଷ ବର୍ଗରେ 18.5%, 25-34 ବର୍ଷ ବର୍ଗରେ 24.7% ଏବଂ  35-59 ବର୍ଷ ବର୍ଗରେ  36.1% ଅଛନ୍ତି । ଉଭୟ ଅନ୍ତଃ ରାଜ୍ୟ ଓ ଆନ୍ତଃ ତଥା ଅଧିକ ଆୟୁବର୍ଗର ଅଟନ୍ତି । ପରବର୍ତ୍ତୀ ଅଧ୍ୟାୟରେ ଏମାନଙ୍କ ବିଷୟରେ ବିସ୍ତୃତ ଆଲୋଚନା କରାଯିବ ।

**(ii) ପୂର୍ବବର୍ତ୍ତୀ  ବାସସ୍ଥାନ  ଅନୁଯାୟୀ ପ୍ରବାସୀ :**

ପ୍ରବାସୀ ଜନସଂଖ୍ୟାକୁ ବୁଝିବା ପାଇଁ ଏହି ଡାଟା ସଂଗ୍ରହ କରାଯାଏ । କୌଣସି ବ୍ୟକ୍ତି ନିଜ ବାସସ୍ଥାନରୁ ଯାଇ ଅନ୍ୟତ୍ର ବାସକରେ ଏବଂ ପରବର୍ତ୍ତୀ ସମୟରେ ନିଜ ବାସସ୍ଥାନରୁ ଯାଇ ଅନ୍ୟତ୍ର ବାସକରେ ଏବଂ ପରବର୍ତ୍ତୀ ସମୟରେ ସେ ସ୍ଥାନ ମଧ୍ୟ ପରିବର୍ତ୍ତନ କରିପାରେ । ପ୍ରବାସର ପୂର୍ବ ବାସସ୍ଥାନ ସମ୍ବନ୍ଧରେ



ଟିପ୍ପଣୀ

ଜାଣିବା ଦ୍ୱାରା ବିଗତ କିଛିବର୍ଷ ମଧ୍ୟରେ ସ୍ଥାନାନ୍ତର ଗମନ ବାବଦରେ ତଥ୍ୟ ଉପଲବ୍ଧ ହୁଏ । 2001 ଜନଗଣନା ଅନୁଯାୟୀ ପୂର୍ବବର୍ତ୍ତୀ ବାସସ୍ଥାନ ଅନୁସାରେ ଆମଦେଶରେ ସ୍ଥାନାନ୍ତର ଗମନକାରୀଙ୍କ ସଂଖ୍ୟା 31 କୋଟି 40 ଲକ୍ଷ ଥିଲା ।

ଯଦି ପ୍ରବାସର ସମୟ ସୀମା ଉପରେ ଧ୍ୟାନ ଦିଆଯାଏ, ଦେଖାଯାଏଯେ 31 କୋଟି 40 ଲକ୍ଷ ଲୋକ ମଧ୍ୟରୁ 10 କୋଟି 10 ଲକ୍ଷ ଲୋକ 20 ବର୍ଷ ପୂର୍ବରୁ ସ୍ଥାନାନ୍ତର ଗମନ କରିଛନ୍ତି । ପ୍ରାୟ ୨ କୋଟି ୫3 ଲକ୍ଷ ଲୋକ ବିଗତ ଦଶକ ଅର୍ଥାତ୍ 0-୨ ବର୍ଷ ମଧ୍ୟରେ ସ୍ଥାନାନ୍ତର ଗମନ କରିଛନ୍ତି ।

ବିଗତ ଦଶକରେ ସ୍ଥାନାନ୍ତର ଗମନକୁ ଦୁଇଭାଗରେ ବିଭକ୍ତ କରି ଆଲୋଚନା କରିବା ।

(i) ଅନ୍ତ ରାଜ୍ୟ ସ୍ଥାନାନ୍ତର ଗମନ

(ii) ଆନ୍ତଃ ରାଜ୍ୟ ସ୍ଥାନାନ୍ତର ଗମନ

### (i) ଅନ୍ତ ରାଜ୍ୟ ସ୍ଥାନାନ୍ତର ଗମନ

ସର୍ବାଧିକ ପ୍ରବାସୀ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ । 2001 ଜନଗଣନା ଅନୁଯାୟୀ ୫ କୋଟି 7 ଲକ୍ଷ ଲୋକ ଅନ୍ତଃ-ରାଜ୍ୟ ସ୍ଥାନାନ୍ତର ଗମନକାରୀ । ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତରୀତ ହୋଇଥିବା ଲୋକଙ୍କ ସଂଖ୍ୟା 60.5% , ସହରାଞ୍ଚଳରୁ ସହରାଞ୍ଚଳକୁ ସ୍ଥାନାନ୍ତରଣ 12.3% । 17.6% ଗ୍ରାମାଞ୍ଚଳରୁ ସହରାଞ୍ଚଳ, 6.5% ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର ଗମନ କରିଥିଲେ । ବଳକା 3.7% ଲୋକଙ୍କର ଜନଗଣନା ସମୟରେ ସଠିକ୍ ତଥ୍ୟ ଅଭାବ ହେତୁ କୌଣସି ଶ୍ରେଣୀଭୁକ୍ତ ନୁହଁନ୍ତି ।


ଆମଦେଶରେ ବିବାହ ଯୋଗୁଁ 70% ମହିଳା, ଅନ୍ତଃ ରାଜ୍ୟ ସ୍ଥାନାନ୍ତର ଗମନ କରିଥାଆନ୍ତି । 69% ମହିଳା ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତରିତ ହୋଇଥିଲେ । 9.7% ମହିଳା ସହରାଞ୍ଚଳରୁ ସହରାଞ୍ଚଳକୁ, 13.6% ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଏବଂ କେବଳ 5.6% ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର ଗମନ କରିଥିଲେ । ଅବଶିଷ୍ଟ 2.6% କୌଣସି ଶ୍ରେଣୀଭୁକ୍ତ ନୁହଁନ୍ତି ।

ପୁରୁଷମାନଙ୍କ କ୍ଷେତ୍ରରେ 41.6% ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳ, 18.3% ସହରାଞ୍ଚଳରୁ ସହରାଞ୍ଚଳ 27.1% ଗ୍ରାମାଞ୍ଚଳରୁ ସହରାଞ୍ଚଳ, ୫.6% ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର ଗମନ କରିଥିଲେ । ଜୀବନ ଜୀବିକା ଉଦ୍ଦେଶ୍ୟରେ ବହୁ ସଂଖ୍ୟକ ପୁରୁଷ ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତରିତ ହୋଇଥାଆନ୍ତି ।

### (ଖ) ଆନ୍ତଃ- ରାଜ୍ୟ ସ୍ଥାନାନ୍ତର ଗମନ :

ଅନ୍ତଃ-ରାଜ୍ୟ ସ୍ଥାନାନ୍ତର ତୁଳନାରେ ଆନ୍ତଃ-ରାଜ୍ୟ ସ୍ଥାନାନ୍ତର କମ୍ । 2001 ଜନଗଣନା ରିପୋର୍ଟ ଅନୁସାରେ 1 କୋଟି 70 ଲକ୍ଷ ଏହି ଶ୍ରେଣୀରେ ଅନ୍ତର୍ଗତ । ଏହା ମଧ୍ୟରୁ 26.6% ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳ, 26.7% ସହରାଞ୍ଚଳରୁ ସହରାଞ୍ଚଳ, 37.9% ଗ୍ରାମାଞ୍ଚଳରୁ ସହରାଞ୍ଚଳ ଏବଂ 6.3% ସହରାଞ୍ଚଳରୁ ଗ୍ରାମାଞ୍ଚଳ ସ୍ଥାନାନ୍ତର ଗମନ କରିଥିଲେ । ଅବଶିଷ୍ଟ 2.6% କୌଣସି ଶ୍ରେଣୀ ଅଧିନ ନୁହଁନ୍ତି ।

ଏ ପ୍ରକାର ପ୍ରବାସୀମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପୁରୁଷ । ଏମାନଙ୍କ ମଧ୍ୟରୁ 26.6% ଗ୍ରାମାଞ୍ଚଳ ମଧ୍ୟରେ, 26.7% ସହରାଞ୍ଚଳ ମଧ୍ୟରେ, 37.9% ଗ୍ରାମାଞ୍ଚଳରୁ ସହରାଞ୍ଚଳ, 6.3% ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ସ୍ଥାନାନ୍ତର ଗମନ କରିଥିଲେ ।





## 26.10 ସ୍ଥାନାନ୍ତର ଗମନର କାରଣ :

ସ୍ଥାନାନ୍ତର ଗମନ ଅନେକ କାରକ ମାନଙ୍କର ମିଶ୍ରିତ ତଥା ପାରସ୍ପରିକ କ୍ରିୟାର ଫଳ, ସାଧାରଣ ଭାବେ ଏହି କାରକ ମାନଙ୍କୁ ଦୁଇ ସମୂହ ଭାଗରେ ବିଭକ୍ତ କରାଯାଏ । ଯଥା : (i) ଅପକର୍ଷ କାରକ (Push Factor) (ii)ପ୍ରତିକର୍ଷ କାରକ (Pull Factor) ଅପକର୍ଷ କାରକ ଯୋଗୁଁ ଲୋକମାନେ ନିଜ ନିଜ ମୂଳବାସସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥାଆନ୍ତି । ପ୍ରତିକର୍ଷକାରକ ଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଲୋକମାନଙ୍କୁ ଆକର୍ଷିତ କରନ୍ତି । ଯଦି ଉଭୟ କାରକ ଗୁଡ଼ିକ ସମକାଳୀନ କାର୍ଯ୍ୟକାରୀ ହୁଅନ୍ତି । କୌଣସି ସ୍ଥାନାନ୍ତରଣ ହୋଇପାରିବ ନାହିଁ । ଆର୍ଥିକ, ସାମାଜିକ ଏବଂ ରାଜନୈତିକ କାରକ ଗୁଡ଼ିକ ଉଭୟ ଅପକର୍ଷ ତଥା ପ୍ରତିକର୍ଷ କାରକର ଅନ୍ତର୍ଗତ । ନିମ୍ନରେ କାରକ ଗୁଡ଼ିକ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

- ସ୍ଥାନାନ୍ତରଣ ଗମନ ବିଭିନ୍ନ କାରକ ମାନଙ୍କର ପାରସ୍ପରିକ ପ୍ରତିକ୍ରିୟାର ଫଳ । ସେଗୁଡ଼ିକୁ ଦୁଇ ଶ୍ରେଣୀଭୁକ୍ତ କରାଯାଇପାରେ ।
- ଉଭୟ ଅପକର୍ଷ ଓ ପ୍ରତିକର୍ଷ କାରକ ଗୁଡ଼ିକ ଆର୍ଥିକ, ସାମାଜିକ ଓ ରାଜନୈତିକ ହୋଇପାରେ ।

### (କ) ଆର୍ଥିକ କାରକ :

ଜୀବନ ଜୀବିକାର ସୁଲଭତା ଥିବା ସ୍ଥାନରେ ସାଧାରଣତଃ ଲୋକମାନେ ବାସ କରିବାକୁ ଚାହାଁନ୍ତି । ତେଣୁ ଅନୁର୍ବର ମୃତ୍ତିକା, ପରିବହନର ସ୍ୱଳ୍ପ ବିକାଶ, ନିମ୍ନ ଔଦ୍ୟୋଗିକ ବିକାଶ ଏବଂ ବୃତ୍ତିର କମ୍ ସୁଲଭତା ଥିବା ଅଂଚଳରୁ ଲୋକମାନେ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ ହୁଅନ୍ତି । ଏଗୁଡ଼ିକୁ ଅପକର୍ଷ କାରକ (Push Factor) କୁହାଯାଏ । ଅନ୍ୟପକ୍ଷରେ ଉତ୍ତର ରୋଜଗାର ଓ ଉନ୍ନତ ଜୀବନଶୈଳୀ ପ୍ରଦାନ କରୁଥିବା ଅଂଚଳକୁ ବହୁତ ଲୋକ ଆକର୍ଷିତ ହୁଅନ୍ତି । ଏହା ହିଁ ପ୍ରତିକର୍ଷ କାରକ । ତେଣୁ ଉର୍ବର ମୃତ୍ତିକା, ଖଣିଜ ସମ୍ପଦର ଉପଲବ୍ଧତା, ଉନ୍ନତ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା, ଔଦ୍ୟୋଗିକ ବିକାଶ ଏବଂ ସହରୀକରଣ ଲୋକମାନଙ୍କୁ ଆକର୍ଷିତ କରେ । ତୁମେ ଲକ୍ଷ୍ୟ କରିଥିବ ବିହାର, ଓଡ଼ିଶା ଓ ଉତ୍ତର ପ୍ରଦେଶରୁ ବହୁ ସଂଖ୍ୟାରେ ଲୋକ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଭଳି ବଡ଼ ବଡ଼ ସହର ରୋଜଗାର ପନ୍ଥା ଅନ୍ୱେଷଣରେ ଆସି ବସବାସ କରୁଛନ୍ତି । ଲୋକମାନେ ନିଜର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଏସବୁ ସହରକୁ ସ୍ଥାନାନ୍ତର ଗମନ କରନ୍ତି । ଆଉ କେତେକ ଲୋକ ସହରର ଚାକଚାକ୍ୟ ଭରା ଜୀବନ ତଥା ଏଠାରେ ଉପଲବ୍ଧ ସୁଖ ସୁବିଧା ଦ୍ୱାରା ଆକର୍ଷିତ ହୋଇ ଏଠାକୁ ଚାଲିଆସନ୍ତି ।

- ଉର୍ବର ମୃତ୍ତିକା, ଖଣିଜ ସମ୍ବଳର ଉପଲବ୍ଧତା, ଉତ୍ତମ ପରିବହନ ଓ ଯୋଗାଯୋଗ ମାଧ୍ୟମ, ଔଦ୍ୟୋଗିକ ବିକାଶ, ସହରୀକରଣ ତଥା ବୃତ୍ତିର ସୁଲଭତା ଆଦି ଆର୍ଥିକ ପ୍ରତିକର୍ଷ କାରକ ।
- ଅନୁର୍ବର ମୃତ୍ତିକା, ଅନୁନ୍ନତ ପରିବହନ ତଥା ଯୋଗାଯୋଗ ବ୍ୟବସ୍ଥା, ନିମ୍ନ ଔଦ୍ୟୋଗିକ ବିକାଶ ଓ ସହରୀକରଣ ଓ ବୃତ୍ତିର ଅନୁପଲବ୍ଧତା ଆଦି ଆର୍ଥିକ ଅପକର୍ଷ କାରକ ।

### (ଖ) ସାମାଜିକ- ରାଜନୈତିକ କାରକ :

ମଣିଷ ଏକ ସାମାଜିକ ପ୍ରାଣୀ ଏବଂ ସେ ସମାଜରେ ନିଜ ନିକଟ ସମ୍ପର୍କୀୟଙ୍କ ରହିବାକୁ ଚାହେଁ । ସାଧାରଣତଃ ଏକଧର୍ମ, ଭାଷା ବା ସମାନ ସାମାଜିକ ରୀତିନୀତି ପାଳନ କରୁଥିବା ଲୋକମାନେ ଏକାଠି ରହିବାକୁ ପସନ୍ଦ କରନ୍ତି । ଅନ୍ୟପକ୍ଷରେ ଭିନ୍ନ ସଂସ୍କୃତି ବା ସମ୍ପ୍ରଦାୟ ମଧ୍ୟରେ ରହୁଥିବା ଲୋକଟି ସେ ସ୍ଥାନ ପରିତ୍ୟାଗ କରିବାକୁ ଚାହେଁ । ବହୁତ ଲୋକ ଧାର୍ମିକ ସ୍ଥଳରେ ରହିବାକୁ ଇଚ୍ଛାକରି ଅସ୍ଥାୟୀ ରୂପେ ହେଲେ ମଧ୍ୟ ସ୍ଥାନାନ୍ତରିତ ହୁଅନ୍ତି । ବଦ୍ରିନାଥ, ତିରୁପତି ଓ

ବାରାଣାସୀ ଆଦି ଧର୍ମସ୍ଥଳକୁ ଲୋକମାନେ ଅସ୍ଥାୟୀ ରୂପେ ସ୍ଥାନାନ୍ତର ଗମନ କରନ୍ତି । ଏହିସବୁ କାରଣ ଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇ ସହରର ବିଭିନ୍ନ ଭାଗରେ ଗୋଟିଏ ଗୋଟିଏ ସମ୍ପ୍ରଦାୟର ଲୋକମାନଙ୍କର ସଂକେନ୍ଦ୍ରଣ ହୋଇଥାଏ । ପୁନଶ୍ଚ ସଂଖ୍ୟାବହୁଳ ସମ୍ପ୍ରଦାୟ ଯଦି ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ଅସହିଷ୍ଣୁ ହୋଇଉଠେ, ତେବେ ଧାର୍ମିକ ତଥା ସାମାଜିକ ଚାପର ବଶବର୍ତ୍ତୀ ହୋଇ ସେମାନେ ଅନ୍ୟ ସ୍ଥାନରେ ବସବାସ କରନ୍ତି ।

**(ଗ) ଜନସାଂଖ୍ୟିକ କାରକ :**

ଏହି କାରକରେ ଆୟୁର ଭୂମିକା ପ୍ରଧାନ । ଶିଶୁ ତଥା ବୃଦ୍ଧଙ୍କ ତୁଳନାରେ ଯୁବ ସମାଜ ଅଧିକ ସ୍ଥାନାନ୍ତର ଗମନ କରନ୍ତି । ଜୀବିକା ଅନ୍ୱେଷଣ, ଭବିଷ୍ୟତ ପାଇଁ ଅଧିକ ସୁବିଧା ସୁଯୋଗ କିମ୍ବା ଉଚ୍ଚତର ଶିକ୍ଷା ଉଦ୍ଦେଶ୍ୟରେ ସ୍ଥାନାନ୍ତର ଗମନ କରିଥାଆନ୍ତି । ସରକାରୀ ନୀତି ସମ୍ପର୍କୀତ ରାଜନୈତିକ କାରକ ମଧ୍ୟ ସ୍ଥାନାନ୍ତର ଗମନ ପାଇଁ ଦାୟୀ । ଆଧୁନିକ ଯୁଗରେ ଏହି କାରକ ଅଧିକ ପ୍ରଭାବଶାଳୀ ହେବାରେ ଲାଗିଛି । ସରକାରଙ୍କ ଦ୍ୱାରା ପ୍ରବାସର ଗତି, ଦିଗ ତଥା ସ୍ତର ବହୁଳଭାବେ ପ୍ରଭାବିତ ହେଉଛି । କେତେକ କ୍ଷେତ୍ରରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଲଗା ହେବାକୁ ତଥା ସ୍ଥାନାନ୍ତର ଗମନ କରିବାକୁ ବାଧ୍ୟ ହୁଅନ୍ତି । ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତ ପାକିସ୍ଥାନ ବିଭାଜନ ଯୋଗୁଁ  ଦୁଇଦେଶର ବହୁସଂଖ୍ୟକ ଲୋକ ସ୍ଥାନାନ୍ତରୀତ ହୋଇଥିଲେ ।

- ସମାନ ଧର୍ମ ଓ ସାମାଜିକ ରୀତିନୀତିକୁ ଅନୁସରଣ କରୁଥିବା ଲୋକମାନେ ଏକାଠି ରହିବାକୁ ଚାହାଁନ୍ତି
- ସଂଖ୍ୟା ବହୁଳ ସମ୍ପ୍ରଦାୟଙ୍କ ଦ୍ୱାରା ସଂଖ୍ୟାଲଘୁ ସମ୍ପ୍ରଦାୟର ଦମନ ମଧ୍ୟ ସ୍ଥାନାନ୍ତର ଗମନର ଏକ ଅପକର୍ଷ କାରକ ।

## 26.11 ସ୍ଥାନାନ୍ତର ଗମନର ପରିଣତି :

ସ୍ଥାନାନ୍ତର ଗମନର କାରଣ ଭଳି ପରିଣତ ମଧ୍ୟ ବିବିଧ ଅଟେ । ଏହାର ପରିଣାମ ଉଭୟ ସ୍ଥାନାନ୍ତର ଗମନକାରୀଙ୍କ ମୂଳ ବାସସ୍ଥାନ ତଥା ବାସ କରୁଥିବା ସ୍ଥାନରେ ଜଣାପଡ଼େ । ପରିଣାମକୁ ତିନୋଟି ବର୍ଗରେ ବିଭକ୍ତ କରାଯାଏ । (i) ଆର୍ଥିକ (ii) ସାମାଜିକ (iii) ଜନସାଂଖ୍ୟିକ

**(କ) ଆର୍ଥିକ ପରିଣତି :**

ସ୍ଥାନାନ୍ତର ଗମନର ଆର୍ଥିକ ପରିଣାମ ଗୁଡ଼ିକ ମଧ୍ୟରେ ଜନସଂଖ୍ୟା-ସମ୍ବଳର ଅନୁପାତ ଉପରେ ପ୍ରଭାବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମୂଳସ୍ଥାନ ଓ ପରେ ବାସ କରୁଥିବା ସ୍ଥାନ ଉଭୟଠାରେ ଏହି ଅନୁପାତରେ ପରିବର୍ତ୍ତନ ହୁଏ । ଏହାଦ୍ୱାରା ଗୋଟିଏ ସ୍ଥାନର ଜନସଂଖ୍ୟା ହ୍ରାସ ପାଇବାବେଳେ ଅନ୍ୟ ସ୍ଥାନରେ ଜନସଂଖ୍ୟା ବୃଦ୍ଧିହୁଏ କିମ୍ବା ଉଚିତ୍ ଜନସଂଖ୍ୟା ସଂପନ୍ନ ହୁଏ । କମ୍ ଜନସଂଖ୍ୟା ବିଶିଷ୍ଟ ସ୍ଥାନରେ ସମ୍ବଳର ବିକାଶ ତଥା ବିନିଯୋଗ ବ୍ୟାହତ ହୁଏ । ଅନ୍ୟପକ୍ଷରେ ମାତ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ସମ୍ବଳ ଉପରେ ଅଧିକ ଚାପପଡ଼େ । ଫଳତଃ ଲୋକମାନଙ୍କର ଜୀବନ ଧାରଣରମାନ ହ୍ରାସ ହୁଏ । ଯଦି କୌଣସି ଦେଶର ଜନସଂଖ୍ୟା ସମ୍ବଳର ବିକାଶ ତଥା ବିନିଯୋଗରେ ସହାୟକ ହେବା ସହ, ଜୀବନ ଧାରଣରମାନ ହ୍ରାସ କରାଏ ନାହିଁ, ତେବେ ସେହି ଜନସଂଖ୍ୟାକୁ ଦେଶର ଆଦର୍ଶ ଜନସଂଖ୍ୟା କୁହାଯାଏ । କୌଣସି ଜନବହୁଳ ଅଂଚଳରୁ ଜନବିରଳ ଅଂଚଳକୁ ଲୋକମାନେ ସ୍ଥାନାନ୍ତରୀତ ହେଲେ, ସମ୍ବଳ-ଜନସଂଖ୍ୟାର ଅନୁପାତ ସନ୍ତୁଳିତ ହୁଏ କିନ୍ତୁ ଜନ ବିରଳ ଅଂଚଳରୁ ଜନବହୁଳ ବା ଆଦର୍ଶ ଜନସଂଖ୍ୟା ବିଶିଷ୍ଟ ଅଂଚଳକୁ ଲୋକମାନଙ୍କର ସ୍ଥାନାନ୍ତରଣ, ଉଭୟ ସ୍ଥାନ ପାଇଁ ହାନୀକାରକ ସାବ୍ୟସ୍ତ ହୁଏ । ସ୍ଥାନାନ୍ତର ଗମନ ଉଭୟ ସ୍ଥାନର ଲୋକମାନଙ୍କର ବୃତ୍ତିଗତ ସଂରଚନାକୁ ମଧ୍ୟ ପ୍ରଭାବିତ କରେ । ସାଧାରଣତଃ ମୂଳସ୍ଥାନରୁ କାର୍ଯ୍ୟକ୍ରମ ବ୍ୟକ୍ତିଙ୍କର ସଂଖ୍ୟା ହ୍ରାସ ପାଏ ଏବଂ ପ୍ରବାସ ସ୍ଥାନରେ ଏହି ସଂଖ୍ୟା ବୃଦ୍ଧିପାଏ । ଏହାର ପରିଣାମ ସ୍ୱରୂପ ପ୍ରବାସ ସ୍ଥାନରେ କାର୍ଯ୍ୟକ୍ଷମ





ଲୋକଙ୍କ ସଂଖ୍ୟା ଅଧିକ ହେଉ, ଉତ୍ପାଦିକ ଶକ୍ତି ଅଧିକ । ଯାହାଫଳରେ ନିର୍ଭରଶୀଳତା ବୃଦ୍ଧିପାଏ । ଆଜିକାଲି ଗରିବ ଦେଶର କୁଶଳୀ, ଉଚ୍ଚ ଶିକ୍ଷିତ ଯୁବସମାଜ ଅଧିକ ଉଚ୍ଚତର ଆର୍ଥିକ ସୁବିଧା ସୁଯୋଗ ଲାଳସାରେ ନିଜଦେଶ ଛାଡ଼ି ବିକଶିତ ଦେଶମାନଙ୍କୁ ପଳାଇ ଯାଉଛନ୍ତି । ଏହାକୁ 'ପ୍ରତିଭା-ପଳାୟନ' (Brain Drain) କୁହାଯାଏ । ଉଦାହରଣ ସ୍ୱରୂପ- ଆମଦେଶରୁ ଡାକ୍ତର ଓ ଇଞ୍ଜିନିୟରମାନେ ଆର୍ଥିକ ଲାଳସାର ବଶବର୍ତ୍ତୀ ହୋଇ ଭାରତ ଛାଡ଼ି ଆମେରିକା, ଇଂଲଣ୍ଡ ଓ କାନାଡ଼ାକୁ ପଳାୟନ କରୁଛନ୍ତି ।

ଏ ପ୍ରକାର ସ୍ଥାନାନ୍ତର ଗମନ ଅଳ୍ପ ସଂଖ୍ୟକ ଲୋକ କରୁଥିବାରୁ ଏହାଦ୍ୱାରା ସମ୍ବଳ-ଲୋକସଂଖ୍ୟା ଅନୁପାତ ପ୍ରଭାବିତ ନହେଲେ ମଧ୍ୟ ମୂଳସ୍ଥାନର ଲୋକମାନଙ୍କର ଗୁଣବତ୍ତା ଉପରେ ପ୍ରଭାବ ପଡ଼େ । କୁଶଳୀ ମାନବ ସମ୍ବଳର ସ୍ଥାନାନ୍ତରଣ ଯୋଗୁଁ ଗରିବ ଦେଶଗୁଡ଼ିକରେ ସମ୍ବଳର ବିକାଶ ତଥା ବିନିଯୋଗ ବାଧାପ୍ରାପ୍ତ ହୁଏ ।

**(ଖ) ସାମାଜିକ ପରିଣାମ :**

ପ୍ରବାସ ଯୋଗୁଁ ବିଭିନ୍ନ ସଂସ୍କୃତିର ପାରସ୍ପରିକ କ୍ରିୟା ସମ୍ଭବ ହୋଇଥାଏ । ପ୍ରବାସ ସ୍ଥାନରେ ଅନ୍ୟ ସଂସ୍କୃତିର ଲୋକମାନେ ବାସ କରିବା ହେତୁ, ସେହି ସଂସ୍କୃତି ଅଧିକ ସମୃଦ୍ଧ ହୁଏ । ଭାରତର ଆଧୁନିକ ସଂସ୍କୃତି ଏହାର ଏକ ଜ୍ୱଳନ୍ତ ଉଦାହରଣ । ବେଳେବେଳେ ବିଭିନ୍ନ ସଂସ୍କୃତିର ମିଳନ ଯୋଗୁଁ ସାଂସ୍କୃତିକ ସଂଘର୍ଷ ମଧ୍ୟ ସୃଷ୍ଟି ହୁଏ ।

ସହରରେ ଏକୁଟିଆ ରହୁଥିବା ଅଧିକାଂଶ ପ୍ରବାସୀ (ବିଶେଷ ଭାବେ ପୁରୁଷ ବର୍ଗ) ବିବାହୋତ୍ତର ତଥା ଅସୁରକ୍ଷିତ ଯୌନ ସଂପର୍କରେ ଲିପ୍ତ ରୁହନ୍ତି । ସେମାନଙ୍କ ମଧ୍ୟରୁ କେତେକ ସଂକ୍ରମିତ ସିରିଞ୍ଜ୍ ସାହାଯ୍ୟରେ ଡ୍ରଗ୍ସ୍ ମଧ୍ୟ ସେବନ କରନ୍ତି । ତେଣୁ ଏ ଧରଣର ଅସୁରକ୍ଷିତ କାର୍ଯ୍ୟକଳାପ ଯୋଗୁଁ କେତେକ ଲୋକ HIV+ ଆକ୍ରାନ୍ତ ହୋଇଥାଆନ୍ତି । ଏହି ଲୋକମାନେ ଯେତେବେଳେ ନିଜ ଘରକୁ ଯାଆନ୍ତି । ନିଜ ପତ୍ନୀ ତଥା ନିଜର ଆଗାମୀ ବଂଶଧରକୁ ମଧ୍ୟ HIV+ ଭୂତାଣୁ ଗ୍ରସ୍ତ କରାଇଥାଆନ୍ତି । ଏପରି କାହିଁକି ହେଉଛି ?

- ସଚେତନତାର ଅଭାବ
- ଅସୁରକ୍ଷିତ ଯୌନ ସମ୍ପର୍କ
- ଯୌନ ସମ୍ବନ୍ଧ ସଂକ୍ରାନ୍ତୀୟ ଜିଜ୍ଞାସା
- ଡ୍ରଗସ୍ ସେବନ ଓ ମଦ୍ୟପାନ

- ପ୍ରବାସ ଅଂଚଳରେ ସାଂସ୍କୃତି ସମୃଦ୍ଧି ହୁଏ । ଅବଶ୍ୟ ବେଳେବେଳେ ସଂଘର୍ଷ ମଧ୍ୟ ହୁଏ ।
- ସ୍ଥାନାନ୍ତର ଗମନ ହେତୁ ମୂଳସ୍ଥାନ ଓ ପ୍ରବାସ ସ୍ଥାନ ଉଭୟ ସ୍ଥାନର ସମ୍ବଳ-ଜନସଂଖ୍ୟା ଅନୁପାତରେ ପରିବର୍ତ୍ତନ ହୁଏ ।
- ପ୍ରତିଭା-ପଳାୟନ () ସ୍ଥାନାନ୍ତର ଗମନର ଏକ କୁପରିଣତି ।

**(ଗ) ଜନସାଂଖ୍ୟିକ ପରିଣାମ :**

ସ୍ଥାନାନ୍ତର ଗମନ ଯୋଗୁଁ ଦୁଇ ସ୍ଥାନର ଜନସଂଖ୍ୟାରେ ଗୁଣାତ୍ମକ ପରିବର୍ତ୍ତନ ସୃଷ୍ଟିହୁଏ । ବିଶେଷ ଭାବେ ଆୟୁବର୍ଗ ତଥା ଲିଙ୍ଗ ବର୍ଗର ଅନୁପାତରେ ପରିବର୍ତ୍ତନ ଆସେ । ଯୁବ ସମାଜରେ ସ୍ଥାନାନ୍ତର ଗମନ ଯୋଗୁଁ ମୂଳସ୍ଥାନରେ ମହିଳା, ଶିଶୁ ଓ ବୃଦ୍ଧ ସଂଖ୍ୟା ବୃଦ୍ଧିପାଏ । ଅନ୍ୟ ପକ୍ଷରେ ପ୍ରବାସ ସ୍ଥାନରେ ଜନସଂଖ୍ୟା ସଂରଚନା ବୃଦ୍ଧିହୁଏ ଅର୍ଥାତ୍ ଯୁବ ସମାଜର ସଂଖ୍ୟା ବୃଦ୍ଧି ହୁଏ । ଏହି କାରଣ ଯୋଗୁଁ ମୂଳ ସ୍ଥାନରେ ଲିଙ୍ଗ ଅନୁପାତ ବୃଦ୍ଧି ଓ ପ୍ରବାସରେ ଲିଙ୍ଗ ଅନୁପାତ କମ୍ ହୁଏ ।

ଏହାର କାରଣ ଯୁବ (ପୁରୁଷ) ସମାଜର ମାତ୍ରାଧିକ ସ୍ଥାନାନ୍ତର ଗମନ । କେବଳ ଲୋକଙ୍କ ସଂଖ୍ୟା ନୁହେଁ ଉଭୟ ସ୍ଥାନର ଜନସଂଖ୍ୟାର ସଂରଚନା ମଧ୍ୟ ପରିବର୍ତ୍ତୀତ ହୁଏ । ଏହାର କାରଣ ଉଭୟ ଅଂଚଳର ଜନ୍ମହାର, ମୃତ୍ୟୁହାର ଏବଂ ଏହାର ପରିଣାମ ସଦୃଶ ବୃଦ୍ଧିର ହାର ମଧ୍ୟ ପରିବର୍ତ୍ତୀତ ହୁଏ । ସ୍ଥାନାନ୍ତର ଗମନ କରୁଥିବା ସ୍ଥାନରେ ଜନ୍ମହାର ଏବଂ ଜନସଂଖ୍ୟା ବୃଦ୍ଧିହାର ହ୍ରାସ ପାଏ । ପ୍ରବାସ ସ୍ଥାନରେ ଏହାର ଠିକ୍ ଓଲଟା ପ୍ରଭାବ ପଡ଼େ ।

◆ **ମୂଳ ସ୍ଥାନରେ ଶିଶୁ, ନାରୀ ଓ ବୃଦ୍ଧଲୋକଙ୍କ ଅନୁପାତ ଅଧିକ ହୁଏ ଏବଂ ପ୍ରବାସ ସ୍ଥାନରେ ଏହି ଅନୁପାତ କମ୍ ହୁଏ ଯାହାଫଳରେ ଉଭୟ ସ୍ଥାନରେ ଆୟୁବର୍ଗ ଓ ଲିଙ୍ଗ ବର୍ଗ ସଂରଚନାରେ ପରିବର୍ତ୍ତନ ସୃଷ୍ଟି ହୁଏ ।**

## ପାଠ୍ୟଗତ ପ୍ରଶ୍ନାବଳୀ ୨୬.୩

1. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲୋକଙ୍କର ସ୍ଥାନାନ୍ତରଣକୁ ________ କୁହାଯାଏ । ( ସ୍ଥାନାନ୍ତର ଗମନ / ଟ୍ରାନ୍ସ-ହ୍ୟୁମାନ୍ସ )

(ଖ) ସହର ନିକଟବର୍ତ୍ତୀ ଅଂଚଳରୁ ଦୈନିକ ସହରକୁ ସ୍ଥାନାନ୍ତରୀତ ହେଉଥିବା ଲୋକଙ୍କୁ ________ ସ୍ଥାନାନ୍ତରଣ କୁହାଯାଏ । ( ଦୈନିକ / ଋତୁକାଳୀନ )

(ଗ) କେତେକ ନିର୍ଦ୍ଦିଷ୍ଟ ପଥରେ ନିଜର ପଶୁପଲ ସହ ଲୋକମାନଙ୍କର ଋତୁକାଳୀନ ଯିବା ଆସିବାକୁ ________ କୁହାଯାଏ । (ଟ୍ରାନ୍ସହ୍ୟୁମାନ୍ସ / ଋତୁକାଳୀନ )

(ଘ) ସ୍ଥାନାନ୍ତର ଗମନ ଯୋଗୁଁ ମୂଳସ୍ଥାନର ମୋଟ୍ ଜନସଂଖ୍ୟାର ଯୁବ ସଂପ୍ରଦାୟ ଅନୁପାତ ________ ହୁଏ । ( ବୃଦ୍ଧି / ହ୍ରାସ )

(ଙ) ପ୍ରବାସ ସ୍ଥାନରେ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କ ଅନୁପାତ ପ୍ରାୟ ________ ହୁଏ । ( ବୃଦ୍ଧି / ହ୍ରାସ )

(ଚ) ଭାରତ ପରି ବିକାଶଶୀଳ ଦେଶମାନଙ୍କରୁ କୁଶଳୀ ତଥା ଉଚ୍ଚ ଶିକ୍ଷିତ ଲୋକମାନଙ୍କର ବିକଶିତ ଦେଶକୁ ସ୍ଥାନାନ୍ତରଣକୁ ________ କୁହାଯାଏ । ( ପ୍ରବାସ / ବ୍ରେନ୍ ଡ୍ରେନ୍ )

(ଛ) ପ୍ରବାସୀ ଲୋକଙ୍କ ମଧ୍ୟରେ ବହୁସଂଖ୍ୟକ ________ । ( ନାରୀ / ପୁରୁଷ )

## ତୁମେ କ'ଣ ଶିଖିଲ

ମାନବ ସମ୍ବଳ ଯେ କୌଣସି ଅଞ୍ଚଳର ପ୍ରମୁଖ ସମ୍ବଳ ଅଟେ । ମାନବ ସମ୍ବଳର ସଂଖ୍ୟା ଅପେକ୍ଷା ଗୁଣବତ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଉପରେ ଦେଶର ଆର୍ଥିକ ବିକାଶ ନିର୍ଭର କରେ ।

ଜନସଂଖ୍ୟା ଦୃଷ୍ଟିରୁ ଚୀନ୍ ପରେ ଭାରତ ପୃଥିବୀରେ ୨ୟ । ଜନସଂଖ୍ୟା ବିତରଣର ଅଧ୍ୟୟନ ଏହାର ଘନତ୍ୱରେ କରାଯାଏ । ଭାରତରେ ଜନସଂଖ୍ୟାର ଘନତ୍ୱ ସର୍ବତ୍ର ସମାନ ନୁହେଁ । ଜନସଂଖ୍ୟାର ଘନତ୍ୱ ଆଧାରରେ ଭାରତକୁ ତିନୋଟି ଅଂଚଳରେ ବିଭକ୍ତ କରାଯାଏ । ଯଥା :-

(i) ଉଚ୍ଚ ଘନତ୍ୱ ଅଂଚଳ

(ii) ସାଧାରଣ / ମଧ୍ୟମ ଘନତ୍ୱ ଅଂଚଳ

(iii) ନିମ୍ନ ଘନତ୍ୱ ଅଂଚଳ

ଜନସଂଖ୍ୟାର ଘନତ୍ୱ ତଥା ବିତରଣକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା : ପ୍ରାକୃତିକ କାରକ ଓ ସାମାଜିକ -ଅର୍ଥନୈତିକ କାରକ ।

1921 ମସିହା ପରଠାରୁ ଭାରତର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବା ସହ ବୃଦ୍ଧିର ହାର ମଧ୍ୟ ବଢ଼ିବାରେ ଲାଗିଛି । ଜନ୍ମହାର, ମୃତ୍ୟୁହାର ଓ ସ୍ଥାନାନ୍ତର ଗମନକାରୀଙ୍କ ସଂଖ୍ୟାରୁ ଜନସଂଖ୍ୟା ବୃଦ୍ଧିର ହାର ନିରୂପଣ କରାଯାଏ । ଘନତ୍ୱ ଓ ବିତରଣ ଭଳି ଜନସଂଖ୍ୟା ବୃଦ୍ଧିର ହାର ମଧ୍ୟ ଦେଶବ୍ୟାପୀ ସମାନ ନୁହେଁ ।

ସ୍ଥାନାନ୍ତର ଗମନ ଜନସଂଖ୍ୟା ବୃଦ୍ଧିର ହାରକୁ ପ୍ରଭାବିତ କରୁଥିବା ଏକ ପ୍ରମୁଖ କାରକ । ସ୍ଥାନାନ୍ତର ଗମନ ବହୁତ ପ୍ରକାର ହେଲେ ମଧ୍ୟ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା : (i) ସ୍ଥାୟୀ ଓ (ii) ଅସ୍ଥାୟୀ । ଯେଉଁଠାରୁ ସ୍ଥାନାନ୍ତରଣ ହୁଏ ଏବଂ ଯେଉଁସ୍ଥାନକୁ ସ୍ଥାନାନ୍ତରଣ ହୁଏ, ତାହା ଉପରେ ନିର୍ଭର କରି ଜନସଂଖ୍ୟାକୁ ଗ୍ରାମାଞ୍ଚଳରୁ ଗ୍ରାମାଞ୍ଚଳ, ଗ୍ରାମାଞ୍ଚଳରୁ ସହରାଞ୍ଚଳ, ସହରାଞ୍ଚଳରୁ ସହରାଞ୍ଚଳ ତଥା ସହରରୁ ଗ୍ରାମାଞ୍ଚଳ ଭାବରେ ବର୍ଗୀକୃତ କରାଯାଏ । ଉପରୋକ୍ତ ଚାରିଭାଗକୁ ଦୁଇବର୍ଗରେ ବିଭକ୍ତ କରାଯାଏ । ଯଥା :- ଆନ୍ତଃରାଜ୍ୟ ଓ ଅନ୍ତଃ ରାଜ୍ୟ ସ୍ଥାନାନ୍ତର ଗମନ ।

ଆର୍ଥିକ, ସାମାଜିକ-ରାଜନୈତିକ ଏବଂ ଜନସାଂଖ୍ୟିକ ପ୍ରଭାବରୁ ଲୋକମାନେ ସ୍ଥାନାନ୍ତର ଗମନ କରନ୍ତି । ସ୍ଥାନାନ୍ତର ଗମନର କାରଣର ଅଧ୍ୟୟନ ପ୍ରତିକର୍ଷ ଓ ଅପକର୍ଷ କାରକ ଦ୍ୱାରା କରାଯାଏ । ସ୍ଥାନାନ୍ତର ଗମନର ପରିଣାମ ଅନେକ । ସେଗୁଡ଼ିକୁ ଆର୍ଥିକ, ସାମାଜିକ ଓ ଜନସାଂଖ୍ୟିକ ପରିଣାମ ଭାବରେ ବିଚାର କରାଯାଏ । ସ୍ଥାନାନ୍ତର ଗମନକାରୀମାନେ ପରିବାର ଠାରୁ ଦୀର୍ଘଦିନ ଧରି ଅଲଗା ରହୁଥିବାରୁ ଦିବାହୋଉର ସଂପର୍କ ରକ୍ଷା କରନ୍ତି । ଡ୍ରଗସ୍ ସେବନ ଓ ମଦ୍ୟପାନ କରିବାକୁ ବାଧ୍ୟ ହୁଅନ୍ତି ।

## ପାଠାନ୍ତ ପ୍ରଶ୍ନାବଳୀ

1. ଭାରତରେ ଜନସଂଖ୍ୟାର ବିତରଣ ସଂପର୍କରେ ସଂକ୍ଷେପରେ ଆଲୋଚନା କର । ଉଚ୍ଚ, ମଧ୍ୟମ ଓ ନିମ୍ନ ଘନତ୍ୱ ବିଶିଷ୍ଟ କେତୋଟି ଅଂଚଳର ନାମ ଲେଖ ।
2. ଭାରତରେ ଜନସଂଖ୍ୟା ବୃଦ୍ଧିର ପ୍ରମୁଖ ପ୍ରବୃତ୍ତି କ'ଣ ? ଉଦାହରଣ ସହ ଏଥିପାଇଁ ଉଦାହରଣ ସହ ଏଥିପାଇଁ ଉତ୍ତରଦାୟୀ କାରକ ଗୁଡ଼ିକ ବିଷୟରେ ଆଲୋଚନା କର ।
3.. ସ୍ଥାନାନ୍ତର ଗମନ କହିଲେ କ'ଣ ବୁଝ ? ଉପଯୁକ୍ତ ଉଦାହରଣ ସହ ବିଭିନ୍ନ ପ୍ରକାର ପ୍ରବାସ ଆଲୋଚନା କର ।
4. ସ୍ଥାନାନ୍ତର ଗମନର ମୁଖ୍ୟ କାରଣ ଓ ପରିଣାମ ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**26.1**

1. ପଶ୍ଚିମ ବଙ୍ଗ, କେରଳ, ବିହାର, ଉତ୍ତର ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ହରିୟାନା ( ଯେକୌଣସି ତିନୋଟି )
2. ଦିଲ୍ଲୀ, ଚଣ୍ଡିଗଡ଼, ପୁଡୁଚେରୀ, ଲାକ୍ଷାଦ୍ୱୀପ ଏବଂ ଡାମନ ଓ ଡିଉ ( ଯେକୌଣସି ତିନୋଟି )



ଟିପ୍ପଣୀ

3. ସିକିମ୍, ମିଜୋରାମ, ଅରୁଣାଚଳ ପ୍ରଦେଶ
4. ଆଣ୍ଡାମାନ ଓ ନିକୋରବ ଦ୍ୱୀପପୁଞ୍ଜ
5. a) ଉଚ୍ଚ b) ନିମ୍ନ

**26.2**


1. (a) (ii)
   (b) (ii)
2. ନାଗାଲାଣ୍ଡ
3. କେରଳ

**26.3**

1.(a) ସ୍ଥାନାନ୍ତର ଗମନ
(b) ଦୈନିକ
(c) ଟ୍ରାନ୍ସହ୍ୟୁମାନ୍ସ
(d) ହ୍ରାସ
(e) ବୃଦ୍ଧି
(f) ବ୍ରେନ୍ ଡ୍ରେନ୍
(g) ପୁରୁଷ

## ପାଠାନ୍ତ ପ୍ରଶ୍ନର ସଂକେତ :

1. ଭାରତରେ ଜନସଂଖ୍ୟାର ବିତରଣରେ ତୀବ୍ର ଅସମାନତା ଦେଖାଯାଏ । ଜନସଂଖ୍ୟାର ଘନତ୍ୱ ଭିତ୍ତିରେ ଭାରତକୁ ତିନୋଟି ଭାଗରେ ବିଭକ୍ତ କରାଯାଏ । ଯଥା - (i) ଉଚ୍ଚ ଘନତ୍ୱ ଅଂଚଳ (ii) ମଧ୍ୟମ ଘନତ୍ୱ ଅଂଚଳ (iii) ନିମ୍ନ ଘନତ୍ୱ ଅଂଚଳ । ଏହି ଅଂଚଳଗୁଡ଼ିକର ପ୍ରମୁଖ ବିଶେଷଣ ଜନସଂଖ୍ୟାର ଘନତ୍ୱ ଆଧାରରେ ଆଲୋଚନା କର । ଉଚ୍ଚ, ମଧ୍ୟମ ଓ ନିମ୍ନ ଘନତ୍ୱ ବିଶିଷ୍ଟ ଅଂଚଳ ଗୁଡ଼ିକର ନାମ ଲେଖ । ( ବିସ୍ତୃତ ବିବରଣୀ ପାଇଁ ଅନୁଚ୍ଛେଦ 26.2 ଓ 26.4 ଦେଖ)
2. 1921 ମସିହା ପରଠାରୁ ଭାରତରେ ଜନସଂଖ୍ୟା ବୃଦ୍ଧିର ହାର ବୃଦ୍ଧିପାଇଛି । ଏହି ତଥ୍ୟ ଉପରେ ଆଲୋକପାତକର ତଥା ଏହାର କାରଣ ଗୁଡ଼ିକ ସଂକ୍ଷେପରେ ଲେଖ । ( ଅଧିକ ଜାଣିବା ପାଇଁ ଅନୁଚ୍ଛେଦ 26.6 ଦେଖ )
3. ଗୋଟିଏ ସ୍ଥାନରୁ, ଅନ୍ୟସ୍ଥାନକୁ ଲୋକମାନଙ୍କର ସ୍ଥାନାନ୍ତରଣକୁ 'ସ୍ଥାନାନ୍ତର ଗମନ' କୁହାଯାଏ । ସ୍ଥାନାନ୍ତରଣର ଅବଧି ଉପରେ ନିର୍ଭର କରି ଏହା ସ୍ଥାୟୀ, ଅସ୍ଥାୟୀ ବା ଋତୁକାଳୀନ ହୋଇପାରେ । ଦେଶ ବାହାରେ (ଦୁଇ ବା ତତୋଧିକ ଦେଶ ମଧ୍ୟରେ) ବା ଦେଶ ମଧ୍ୟରେ ସ୍ଥାନାନ୍ତରଣ ଉପରେ ନିର୍ଭର କରି ହା ଆଭ୍ୟନ୍ତରଣୀଣ ବା ଆନ୍ତର୍ଜାତୀୟ ହୋଇପାରେ । (ବିସ୍ତୃତ ବିବରଣୀ ପାଇଁ ଅନୁଚ୍ଛେଦ 26.8 ଦେଖ ।)





4. ସ୍ଥାନାନ୍ତର ଗମନର କାରଣ ଓ ପରିଣାମ ସଂକ୍ଷେପରେ ଆଲୋଚନା କର ( ଅଧିକ ବିବରଣୀ ପାଇଁ ଅନୁଚ୍ଛେଦ 26.10 ଓ 26.11 ଦେଖ । )



## ଚିନ୍ତନ କେନ୍ଦ୍ର

HIV ସଂକ୍ରମଣରୁ ସୁରକ୍ଷା

HIV - Human Immunodeficiency Virus

AIDS - Acquired Immunodeficiency Syndrome

HIV ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତୁମେ ଅନେକ କାମ କରିପାରିବ ।

- ଶାରୀରିକ ବିକାଶ ସମ୍ବନ୍ଧରେ ଜାଣିବା ସହ HIV / AIDS ବିଷୟରେ ଧାରଣା ସ୍ପଷ୍ଟ କର ।
- ଉପରୋକ୍ତ ବିଷୟରେ କୌଣସି ସନ୍ଦେହ ବା ଭୟ ନରଖି ଆଲୋଚନା କର ।
- ସାଙ୍ଗମାନଙ୍କ ପ୍ରରୋଚନାରେ ପଡ଼ି କୌଣସି ଅସୁରକ୍ଷିତ କାର୍ଯ୍ୟ କରନାହିଁ ।
- ଯୌନକ୍ରିୟା ସମୟରେ ମଦ୍ୟପାନ ବା ଡ୍ରଗସ୍ ସେବନ କରନାହିଁ । କାରଣ ଏହାଦ୍ୱାରା ବିଚାର ଶକ୍ତି ଲୋପ ପାଇବ ଏବଂ ଅସୁରକ୍ଷିତ ଯୌନ ସଂପର୍କ ସୃଷ୍ଟିହେବା ପାଇଁ ବାଧକରେ ।
- ଯୌନ ସଂପର୍କ ଠାରୁ ଯେତେ ସମ୍ଭବ ଦୂରେଇ ରୁହ । ଏହା ବଦଳରେ ବିଭିନ୍ନ ସୁରକ୍ଷିତ ଉପାୟ ଅବଲମ୍ବନ କରିପାରିବ । ଯଥା – ଆଲିଙ୍ଗନ, ଚୁମ୍ବନ, ତଥା ଭାବନା ରାଜ୍ୟରେ ଭ୍ରମଣ ଇତ୍ୟାଦି ।
- ଯଦି ଯୌନ ସଂପର୍କ ଠାରୁ ଦୂରେଇ ପାରୁନାହଁ, ତେବେ ନିରାପଦ ଯୌନ ସଂପର୍କ ପାଇଁ ସଚେତନ ରୁହ ଏବଂ ଦେଖ ତୁମର ସାଥି ଯେପରି ବିଶ୍ୱସ୍ତ ତଥା ଅସଂକ୍ରମିତ ହୋଇଥିବା ଆବଶ୍ୟକ ।
- ନିଶ୍ଚିତ ହୁଅ ଯେ ତୁମ ସାଥି ଏଚ୍.ଆ.ଭି ବା କୌଣସି ଯୌନ ସଂକ୍ରମକ ରୋଗଗ୍ରସ୍ତ ନୁହେଁ । ନଚେତ୍ ଯୌନକ୍ରିୟା ସମୟରେ କଣ୍ଡୋମ୍ ବ୍ୟବହାର କର ।
- ଚମଡା ଭିତରକୁ ପ୍ରବେଶ କରୁଥିବା ଛୁଞ୍ଚି, ସିରିଞ୍ଜ୍ ଆଦି ଉପକରଣକୁ ଭଲ ଭାବରେ ଫୁଟାଇ ଶୋଧନ କରି ବ୍ୟବହାର କର ।
- ରକ୍ତ ଗ୍ରହଣ କରିବା ସମୟରେ 'HIV ମୁକ୍ତ' ସାର୍ଟିଫିକେଟ୍ ଥିବା ରକ୍ତ ଗ୍ରହଣ କର ।

